RNI No.ODIODI/2010/33031
୧୬ ବର୍ଷ Volume- 16
ISSUE -166 ସଂଖ୍ୟା-୧୬୬
ଭୁବନେଶ୍ୱର, ଗୁରୁବାର, ୧୧ ସେପ୍ଟେମ୍ବର ୨୦୨୫
Bhubaneswar, Thursay, 11, September, 2025
୦୮ ପୃଷ୍ଠା Pages-08
ମୂଲ୍ୟ : ୨.୦୦ ଟଙ୍କା Price : Rs.2.00
www.odishamanthan.com

MANTHAN
# ମନ୍ଥନ
www.odishamanthan.com RNI No. ORIORI/2010/33031
ଏକ ନିର୍ଭୀକ ନିରପେକ୍ଷ ଦୈନିକ ସମ୍ବାଦପତ୍ର



## ଭାରତ-ଆମେରିକା ସମ୍ପର୍କର ଦୃଢ଼ତାକୁ ଦୋହରାଇଲେ ପ୍ରଧାନମନ୍ତ୍ରୀ



ନୂଆଦିଲ୍ଲୀ,୧୦।୮(ସ୍ୱାଧିକାରନ୍ୟୁଜ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ, ଆଜି ଭାରତ-ଆମେରିକା ସମ୍ପର୍କର ଦୃଢ଼ତାକୁ ପୁଣି ଦୋହରାଇବା ସହ ଦୁଇ ରାଷ୍ଟ୍ର ମଧ୍ୟରେ ଚାଲିଥିବା ବାଣିଜ୍ୟ ଆଲୋଚନା ଉପରେ ବିଶ୍ୱାସ ପ୍ରକାଶ କରିଛନ୍ତି। ଶ୍ରୀ ମୋଦୀ କହିଛନ୍ତି ଯେ, ଉଭୟ ରାଷ୍ଟ୍ର ନିଜ ଲୋକମାନଙ୍କ ପାଇଁ ଏକ ଉଜ୍ଜ୍ୱଳ, ଅଧିକ ସମୃଦ୍ଧ ଭବିଷ୍ୟତ ସୁରକ୍ଷିତ କରିବାକୁ ଏକାଠି କାମ କରିବେ ।ଆମେରିକା ରାଷ୍ଟ୍ରପତିଙ୍କର ଏକ୍ସରେ ଏକ ପୋଷ୍ଟର ଉତ୍ତର ଦେଇ ଶ୍ରୀ ମୋଦୀ କହିଛନ୍ତି; "ଭାରତ ଏବଂ ଆମେରିକା ଘନିଷ୍ଠ ବନ୍ଧୁ ଏବଂ ସ୍ୱାଭାବିକ ଅଂଶୀଦାର । ମୁଁ ନିଶ୍ଚିତ ଯେ ଆମର ବାଣିଜ୍ୟ ଆଲୋଚନା ଭାରତ-ଆମେରିକା ସହଭାଗୀତାର ଅସୀମ ସମ୍ଭାବନାକୁ ଉନ୍ମୁକ୍ତ କରିବା ପାଇଁ ପଥ ପ୍ରଶସ୍ତ କରିବ । ଆମ ଟିମ୍ ଏହି ଆଲୋଚନାକୁ ଯଥାଶୀଘ୍ର ଶେଷ କରିବାକୁ କାର୍ଯ୍ୟ କରୁଛନ୍ତି । ମୁଁ ମଧ ରାଷ୍ଟ୍ରପତି ଟ୍ରମ୍ପଙ୍କ ସହ କଥା ହେବାକୁ ଉତ୍ସାହିତ ଅଛି । ଆମେ ଉଭୟ ଦେଶର ଲୋକମାନଙ୍କ ପାଇଁ ଏକ ଉଜ୍ଜ୍ୱଳ, ଅଧିକ ସମୃଦ୍ଧ ଭବିଷ୍ୟତ ସୁରକ୍ଷିତ କରିବା ପାଇଁ ଏକାଠି କାମ କରିବୁ।" ମଙ୍ଗଳବାର ଦିନ ଡୋନାଲ୍ଡ ଟ୍ରମ୍ପ କହିଥିଲେ ଯେ ଭାରତ ଏବଂ ଆମେରିକା ମଧ୍ୟରେ ବାଣିଜ୍ୟିକ ପ୍ରତିବନ୍ଧକ ଦୂର କରିବା ପାଇଁ ଆଲୋଚନା ଜାରି ରହିଛି ଟ୍ରମ୍ପ ଏକ ସୋସିଆଲ୍ ମିଡିଆ ପୋଷ୍ଟ୍‌ରେ ଲେଖିଥିଲେ, ମୁଁ ଘୋଷଣା କରି ଖୁସି ହେଉଛି ଯେ ଭାରତ ଏବଂ ଆମେରିକା ଆମ ଦୁଇ ଦେଶ ମଧ୍ୟରେ ବାଣିଜ୍ୟ ପ୍ରତିବନ୍ଧକ ଦୂର କରିବା ପାଇଁ ଆଲୋଚନା ଜାରି ରଖିଛନ୍ତି ମୁଁ ଆଗାମୀ ସପ୍ତାହଗୁଡ଼ିକରେ ମୋର ବହୁତ ଭଲ ବନ୍ଧୁ ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହ କଥା ହେବାକୁ ଅପେକ୍ଷା କରିଛି ମୁଁ ନିଶ୍ଚିତ ଯେ ଉଭୟ ମହାନ ଦେଶ ପାଇଁ ଏକ ସଫଳ ନିଷ୍କର୍ଷରେ ପହଞ୍ଚିବାରେ ଆମର କୌଣସି ଅସୁବିଧା ହେବ ନାହିଁ !

## ସେନା ନିୟନ୍ତ୍ରଣରେ ନେପାଳ

**କାଠମାଣ୍ଡୁ (ନେପାଳ),୧୦।୮(ସ୍ୱାଧିକାରନ୍ୟୁଜ):** ଦେଶରେ ସୋସିଆଲ ମିଡିଆ ଉପରେ ପ୍ରତିବନ୍ଧକ ଏବଂ ଦୁର୍ନୀତି ବିରୋଧରେ ଚାଲିଥିବା ଆନ୍ଦୋଳନର ଆଜି (ବୁଧବାର) ତୃତୀୟ ଦିନ। ନେପାଳର ସେନା ହିଂସାକୁ ରୋକିବା ପାଇଁ ମଙ୍ଗଳବାର ରାତି ୧୦ଟାରୁ ସମଗ୍ର ଦେଶର ନିୟନ୍ତ୍ରଣ ଗ୍ରହଣ କରିଛି। ଦେଶରେ ଲାଗି ରହିଥିବା ସମସ୍ୟା ମଧ୍ୟରେ ଜେନ୍ ଜେଡ୍ ଆନ୍ଦୋଳନକାରୀମାନେ ଏକ ଭର୍ଚୁଆଲ୍ ବୈଠକ ଡାକିଥିଲେ।ଏହି ଅନ୍‌ଲାଇନ୍ ବୈଠକରେ ପ୍ରାୟ ୫୦୦୦ରୁ ଅଧିକ ଯୁବକ ଅଂଶ ଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ଅଧିକାଂଶ ଭୋଟ୍ ଗଲା ପୂର୍ବ ନ୍ୟାୟାଧୀଷ ସୁଶୀଳା କାର୍କୀଙ୍କ ଆଡ଼କୁ ସର୍ବସମ୍ମତିକ୍ରମେ ସେ ହିଁ ଏବେ ଦେଶର ଦାୟିତ୍ୱ ତୁଲାଇବେ।

ସେନା କହିଛି ଯେ କିଛି ଦୁଷ୍ଟ ବ୍ୟକ୍ତି କଷ୍ଟକର ସମୟର ସୁଯୋଗ ନେଇ କିଛି ସାଧାରଣ ଲୋକ ଏବଂ ସରକାରୀ ସମ୍ପତ୍ତିକୁ କ୍ଷତି ପହଞ୍ଚାଉଛନ୍ତି। ସେନା ନିବେଦନ କରିଛି ଯେ ଲୋକମାନେ ଏଭଳି ଏପରି କାର୍ଯ୍ୟକଳାପ ବନ୍ଦ କରନ୍ତୁ। ନେପାଳରେ ଆଜି ରାଷ୍ଟ୍ରପତି ରାମ ଚନ୍ଦ୍ର ପୌଡେଲଙ୍କ ଉପସ୍ଥିତିରେ ନେପାଳ ସେନା ଏବଂ ପ୍ରତିବାଦକାରୀ ଯୁବକଙ୍କ ମଧ୍ୟରେ ଆନୁଷ୍ଠାନିକ ଆଲୋଚନା ହେବାକୁ ଯାଉଛି। ତଥାପିଏହାର ସମୟ ଏପର୍ଯ୍ୟନ୍ତ ସ୍ଥିର ହୋଇନାହିଁ। ଓଲି ଇସ୍ତଫା ଦେଇଛନ୍ତି, କାଠମାଣ୍ଡୁ ଛାଡିଛନ୍ତି

ସାରା ଦେଶରେ ଚାଲିଥିବା ପ୍ରତିବାଦ ଏବଂ ଲୋକଙ୍କ କ୍ରୋଧକୁ ଦୃଷ୍ଟିରେ ରଖି, କେପି ଶର୍ମା ଓଲି ପ୍ରଧାନମନ୍ତ୍ରୀ ପଦରୁ ଇସ୍ତଫା ଦେଇ କାଠମାଣ୍ଡୁ ଛାଡିଛନ୍ତି। ଏହା ପୂର୍ବରୁ, ପ୍ରଦର୍ଶନକାରୀମାନେ କେପି ଓଲିଙ୍କ ବ୍ୟକ୍ତିଗତ ଘର, ରାଷ୍ଟ୍ରପତି ଭବନ ଏବଂ ସୁପ୍ରିମକୋର୍ଟ କୋଠାରେ ନିଆଁ ଲଗାଇ ଦେଇଥିଲେ। ଅଧିକାରୀଙ୍କ ଅନୁଯାୟୀ, ରାଜଧାନୀ କାଠମାଣ୍ଡୁ ଏବଂ ଆଖପାଖ ଅଞ୍ଚଳରେ ହୋଇଥିବା ସଂଘର୍ଷରେ ଏପର୍ଯ୍ୟନ୍ତ ୨୨ ଜଣଙ୍କ ପ୍ରାଣହାନି ଘଟିଛି ଏବଂ ୪୦୦ ରୁ ଅଧିକ ଲୋକ ଆହତ ହୋଇଛନ୍ତି। କୁହାଯାଉଛି ଯେ ସୁରକ୍ଷା ବାହିନୀ ଓଲିଙ୍କ ହେଲିକପ୍ଟରରୁ ସୁରକ୍ଷିତ ସ୍ଥାନକୁ ନେଇଯାଇଛନ୍ତି। ତାଙ୍କୁ କେଉଁଠାକୁ ନିଆଯାଇଛି ତାହା ଜଣା ନାହିଁ। ଆନ୍ଦୋଳନକାରୀମାନେ ମଙ୍ଗଳବାର ନେପାଳର ପୂର୍ବତନ ପ୍ରଧାନମନ୍ତ୍ରୀ ଶେର ବହାଦୁର ଦେଉବା, ଝାଲାନାଥ ଖଲାନ ଏବଂ ପୁଷ୍ପ କମଳ ଦହଲ ପ୍ରଚଣ୍ଡଙ୍କ ଘରେ ନିଆଁ ଲଗାଇ ଦେଇଥିଲେ।

## ଶିକ୍ଷାକ୍ଷେତ୍ରରେ ଭାରତ-ୟୁଏଇ ସଂପର୍କ ସୁଦୃଢ ହେବ : ଧର୍ମେନ୍ଦ୍ର

ଆବୁଧାବି/ଭୁବନେଶ୍ୱର,୧୦।୯((ନି.ପ୍ର)): ଭାରତ ଓ ୟୁଏଇ ମଧ୍ୟରେ ଶିକ୍ଷା କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗକୁ ମଜଭୁତ୍ କରିବା ଲକ୍ଷ୍ୟରେ ଦୁଇଦିନିଆ ୟୁଏଇ ଗସ୍ତରେ ଥିବା କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଇଆଇଟି ଦିଲ୍ଲୀ-ଆବୁଧାବୀ କ୍ୟାମ୍ପସ ପରିଦର୍ଶନ କରିବା ସହ ଅନ୍ୟାନ୍ୟ କାର୍ଯ୍ୟକ୍ରମରେ ଯୋଗଦେଇଛନ୍ତି ।



କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଆବୁଧାବିରେ ଆଇଆଇଟି ଦିଲ୍ଲୀ କ୍ୟାମ୍ପସରେ ପହଞ୍ଚିବା ପରେ ତାଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା । କେନ୍ଦ୍ରମନ୍ତ୍ରୀଙ୍କ ଉପସ୍ଥିତିରେ ଆଇଆଇଟି ଦିଲ୍ଲୀ ଆବୁଧାବି କ୍ୟାମ୍ପସର ସମସାମୟିକ ରୂପରେଖ ଏବଂ ଭବିଷ୍ୟତରେ ଥିବା ଯୋଜନା ଉପରେ ଏକ ପ୍ରେଜେନଷ୍ଟେସନ ଉପସ୍ଥାପନ କରାଯାଇଥିଲା । ସେଠାରେ ବିଦେଶରେ ପ୍ରଥମ ଥର ପାଇଁ ଏହି କ୍ୟାମ୍ପସ ପରିସରରେ ଅଟଳ ଇନକ୍ୟୁବେସନ୍ ସେଣ୍ଟର ଉଦଘାଟନ କରିବା ସଙ୍ଗେସଙ୍ଗେ ପିଏଚଡି ଏବଂ ବି.ଟେକ୍ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଏହି ଅବସରରେ ଶ୍ରୀ ପ୍ରଧାନ କ୍ୟାମ୍ପସର ଛାତ୍ରଛାତ୍ରୀ ଏବଂ ଅଧ୍ୟାପକମାନଙ୍କ ସହିତ ଆଲୋଚନା କରିଥିଲେ। କ୍ୟାମ୍ପସର ବିକାଶ କାର୍ଯ୍ୟକୁ ପ୍ରଶଂସା କରିବା ସହ ସେ କହିଥିଲେ ଆବୁଧାବୀରେ ପ୍ରତିଷ୍ଠିତ ଏହି କ୍ୟାମ୍ପସ ଆଇଆଇଟି ଦିଲ୍ଲୀର ଐତିହ୍ୟକୁ ପ୍ରତିଫଳିତ କରିଛି। ଜ୍ଞାନ ଓ ଗବେଷଣା ସହ ଭାରତ ଓ ୟୁଏଇ ମଧ୍ୟରେ ଶିକ୍ଷା ସହଯୋଗୀର ଏକ ଲାଇଟହାଉସ ଭାବେ ଉଭା ହୋଇଛି। ଏହି ଅନୁଷ୍ଠାନକୁ ଆସିବା ଅତ୍ୟନ୍ତ ସନ୍ତୋଷର ବିଷୟ।

ଶ୍ରୀ ପ୍ରଧାନ ଆବୁଧାବିର ଶିକ୍ଷା ଏବଂ ଜ୍ଞାନ ବିଭାଗ (ଏଡିଇକେ)ର ଅଧକ୍ଷା ସାରା ମୁସଲ୍ଲମଙ୍କ ସହ ଶିକ୍ଷାଗତ ପ୍ରାଥମିକତା ଉପରେ ଆଲୋଚନା କରିଛନ୍ତି । ଆବୁଧାବିରେ ଆଇଆଇଟି ଦିଲ୍ଲୀ କ୍ୟାମ୍ପସ ପ୍ରତିଷ୍ଠା ସହ ୟୁଏଇରେ ଭାରତୀୟ ପାଠ୍ୟକ୍ରମ ଅନୁସରଣ କରୁଥିବା ବିଦ୍ୟାଳୟଗୁଡ଼ିକୁ ପ୍ରଦାନ କରାଯାଉଥିବା ସହଯୋଗ ପାଇଁ ତାଙ୍କୁ ଧନ୍ୟବାଦ ଜଣାଇଥିଲେ। ବୈଠକ କାଳରେ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଭାରତୀୟ ବିଦ୍ୟାଳୟ ଗୁଡ଼ିକରେ ସ୍ଥାପିତ ଅଟଳ ଟିଙ୍କରିଂ ଲ୍ୟାବର ସଫଳତା ଉପରେ ମତ ରଖିଥିଲେ। ଏହାସହ ୟୁଏଇରେ ଥିବା ଭାରତୀୟ ସ୍କୁଲ ଗୁଡ଼ିକରେ ଅଟଳ ଇନୋଭେସନ ଲ୍ୟାବର କ୍ରିୟାନ୍ୱୟନ ଉପରେ ମଧ୍ୟ ସେ କହିଥିଲେ।

ଶିକ୍ଷା କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗକୁ ଅଧିକ ବ୍ୟାପକ କରିବା ସହ ପ୍ରବାସୀ ଭାରତୀୟମାନଙ୍କର ଶିକ୍ଷାଗତ ଆବଶ୍ୟକତା ପୂରଣ କରିବା ପାଇଁ ୟୁଏଇରେ ଅଧିକ ଭାରତୀୟ ପାଠ୍ୟକ୍ରମ-ଭିତିକ ବିଦ୍ୟାଳୟ ଖୋଲିବା ଉପରେ ବିଚାରବିମର୍ଶ ହୋଇଥିଲା । ସ୍କୁଲ ସ୍ତରରୁ ହିଁ ଷ୍ଟୁଡେଣ୍ଟ୍ ଏକ୍ସଚେଞ୍ଜକୁ ପ୍ରୋତ୍ସାହନ କରାଯିବା ଉପରେ ବୈଠକରେ ଗୁରୁତ୍ୱାରୋପ ଦିଆଯାଇଥିଲା। ଭାରତ ଓ ୟୁଏଇ ମଧ୍ୟରେ ଗୁଣାତ୍ମକ ଶିକ୍ଷାଗତ ସହଯୋଗକୁ ମଜବୁତ କରିବା ଏବଂ ଆମ ଦ୍ୱିପାକ୍ଷିକ ସମ୍ପର୍କର ସବୁଠାରୁ ଦୃଢ଼ ସ୍ତମ୍ଭ ଭାବରେ ଶିକ୍ଷାକୁ ପ୍ରତିଷ୍ଠା କରିବା ଦିଗରେ ଏଡିଇକେର ଅଧକ୍ଷଙ୍କ କାର୍ଯ୍ୟକୁ ଶ୍ରୀ ପ୍ରଧାନ ପ୍ରଶଂସା କରିଥିଲେ।

ଏହି ଗସ୍ତକାଳରେ ଶ୍ରୀ ପ୍ରଧାନ ଶିକ୍ଷା, ନବସୃଜନ ଏବଂ ଜ୍ଞାନ ଆଦାନପ୍ରଦାନରେ ସହଭାଗୀତାକୁ ଆଗକୁ ବଢ଼ାଇବା ଲକ୍ଷ୍ୟରେ ୟୁଏଇର ପ୍ରମୁଖ ନେତୃତ୍ୱ, ମନ୍ତ୍ରୀ, ନୀତି ନିର୍ଦ୍ଧାରକ, ଶିକ୍ଷାବିତ୍ ଏବଂ ଭାରତ ଓ ୟୁଏଇ ଅନୁଷ୍ଠାନର ପ୍ରତିନିଧିମାନଙ୍କ ସହିତ ଆଲୋଚନା କରିବାର କାର୍ଯ୍ୟକ୍ରମ ରହିଛି।

## ଭିଜିଲାନ୍ସ ଜାଲରେ କନିଷ୍ଠ ସହାୟକ

**ଚମ୍ପୁଆ,୧୦।୯ ((ନି.ପ୍ର)):** ଭିଜିଲାନ୍ସ ଜାଲରେ ପଡ଼ିଛନ୍ତି କେନ୍ଦୁଝରର ଜିଲ୍ଲା ଚମ୍ପୁଆସ୍ଥିତ ନିକୋଲସନ ଫରେଷ୍ଟ ଟ୍ରେନିଂ ସ୍କୁଲର କନିଷ୍ଠ ସହାୟକ ରୁପଚାନ୍ଦ ନାୟକ। ୩୦ ହଜାର ଟଙ୍କା ଲା ନେବା ବେଳେ ତାଙ୍କୁ ଧରିଛନ୍ତି ଭିଜିଲାନ୍ସ ଅଧିକାରୀ। ନିକୋଲସନ ଫରେଷ୍ଟ ଟ୍ରେନିଂ ସ୍କୁଲର ଜଣେ କର୍ମଚାରୀ ଇଚ୍ଛାକୃତ ଅବସର ନେଇଛନ୍ତି। ତାଙ୍କ ପେନସନ କାଗଜପତ୍ର କାମ କରିଦେବା ପାଇଁ ତଥା ବକେୟ ଦରମା ବିଲ୍ ପାସ୍ କରିଦେବାକୁ କନିଷ୍ଠ ସହାୟକ ରୁପଚାନ୍ଦ ନାୟକ ୭୦ ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ହେଲେ ଉକ୍ତ ଅବସରପ୍ରାପ୍ତ କର୍ମଚାରୀ ଜଣଙ୍କ ଏତେ ଟଙ୍କା ଦେଇପାରିବେ ନାହିଁ ବୋଲି କହିଥିଲେ। ଏହା ପରେ ୩୦ ହଜାର ଟଙ୍କାରେ କଥା ଛିଣ୍ଡିଥିଲା। କନିଷ୍ଠ ସହାୟକ ରୁପଚାନ୍ଦ ନାୟକ ଲାଞ୍ଚ ମାଗୁଥିବା ନେଇ ଉକ୍ତ ଅବସରପ୍ରାପ୍ତ କର୍ମଚାରୀ ଜଣଙ୍କ ଭିଜିଲାନ୍ସରେ ଅଭିଯୋଗ କରିଥିଲେ। ଆଜି ସେ କନିଷ୍ଠ ସହାୟକ ରୁପଚାନ୍ଦ ନାୟକଙ୍କୁ ତାଙ୍କ କାର୍ଯ୍ୟାଳୟରେ ୩୦ ହଜାର ଟଙ୍କା ଲାଞ୍ଚ ଦେଇଥିଲେ। ରୁପଚାନ୍ଦ ଲାଞ୍ଚ ଅର୍ଥ ଗ୍ରହଣ କରିବା ପରେ ଭିଜିଲାନ୍ସ ଅଧିକାରୀ ତାଙ୍କୁ ଧରିଥିଲେ।

## ନେପାଳ ପରେ ଜଳିଲା ଫ୍ରାନ୍ସ



ପ୍ୟାରିସ,୧୦।୯(ଏଜେନ୍ସି): ନେପାଳରେ ସମ୍ପ୍ରତି ହୋଇଥିବା ବିକ୍ଷୋଭ ପରେ ଏବେ ଫ୍ରାନ୍ସରେ ମଧ୍ୟ ବିଦ୍ରୋହ ପରିସ୍ଥିତି ସୃଷ୍ଟି ହୋଇଛି। ରାଜଧାନୀ ପ୍ୟାରିସରେ ହଜାର ହଜାର ଲୋକ ସରକାରଙ୍କ ବିରୋଧରେ ରାସ୍ତାକୁ ଓହ୍ଲାଇଛନ୍ତି ।ସବୁଠାରୁ ଆଶ୍ଚର୍ଯ୍ୟଜନକ କଥା ହେଲା, ଏହି ବିକ୍ଷୋଭରେ ଫିଲିସ୍ତିନୀ ପତାକା ମଧ୍ୟ ଉଡ଼ାଯାଇଛି। ଅନେକ ଅଞ୍ଚଳରେ ବିକ୍ଷୋଭକାରୀମାନେ ନିଆଁ ଲଗାଇବା ଓ ଭଙ୍ଗାରୁଜା କରିଛନ୍ତି। ଧୂଆଁର ଗୁଣ୍ଡ ସାରା ପରିବେଶକୁ ଉତ୍ତେଜନାପୂର୍ଣ୍ଣ କରିଦେଇଥିଲା। ବ୍ଲକ ଏଭ୍ରିଥିଙ୍ଗ ନାମରେ ଚାଲିଥିବା ଏହି ଆନ୍ଦୋଳନ ଫ୍ରାନ୍ସରେ ଅସ୍ଥିରତା ଆଣି ଦେଇଛି। ବିଭିନ୍ନ ସ୍ଥାନରେ ରାସ୍ତାରେ ଜନତା ପୁଲିସ ସହ ସଂଘର୍ଷ ହୋଇଥିଲା ।ପରିସ୍ଥିତି ଅଣାୟତ ହୋଇଥିଲା। ଏପର୍ଯ୍ୟନ୍ତ ୨୫୦ରୁ ଅଧିକ ଲୋକଙ୍କୁ ଗିରଫ କରାଯାଇଛି ।ଫ୍ରାନ୍ସର ଗଣମାଧ୍ୟମ ଅନୁସାରେ, ବିକ୍ଷୋଭରେ ବହୁ ସଂଖ୍ୟାରେ ଅବୈଧ ପ୍ରବାସୀ ମଧ୍ୟ ସାମିଲ ଅଛନ୍ତି ।ବିକ୍ଷୋଭକାରୀମାନେ ସରକାରୀ ନୀତିକୁ ବିରୋଧ କରି ବ୍ଲକ ଏଭ୍ରିଥିଙ୍ଗ ସ୍ଲୋଗାନ ଦେଇଥିଲେ। ନେପାଳ ଓ ଫ୍ରାନ୍ସର ଘଟଣାଗୁଡ଼ିକରେ ଏକ ଅଜଣା ସମାନତା ରହିଛି। କାଠମାଣ୍ଡୁ ପରି ପ୍ୟାରିସର ରାସ୍ତାଘାଟରେ ମଧ୍ୟ ବିକ୍ଷୋଭକାରୀ ଓ ପୁଲିସ ମଧ୍ୟରେ ସଂଘର୍ଷ ହୋଇଛି। ବିକ୍ଷୋଭକାରୀମାନେ ବିଭି ଦୋକାନ ଓ ଗାଡ଼ିରେ ନିଆଁ ଲଗାଇଛନ୍ତି। ଲୋକଙ୍କର କ୍ରୋଧ ହିଂସାରେ ପରିଣତ ହୋଇଛି। ଫ୍ରାନ୍ସରେ ରାଷ୍ଟ୍ରପତି ଇମାନୁଏଲ ମାକ୍ରୋଙ୍କ ନୀତି ବିରୁଦ୍ଧରେ ଏହା ସବୁଠାରୁ ବଡ଼ ଆନ୍ଦୋଳନ ବୋଲି କୁହାଯାଉଛି। ବିଶେଷ କଥା ହେଲା, ନେପାଳଠାରୁ ସାତ ହଜାର କିଲୋମିଟର ଦୂରରେ ଥିବା ଫ୍ରାନ୍ସରେ ସେହି ଏକାପରି ଦୃଶ୍ୟ ପୁନରାବୃତ୍ତି ହୋଇଛି।

## ୫ ପ୍ରସ୍ତାବରେ ବାଜିଲା କ୍ୟାବିନେଟ୍ ମୋହର

ଭୁବନେଶ୍ୱର,୧୦।୯(ନି.ପ୍ର): ଆଜି ରାଜ୍ୟ କ୍ୟାବିନେଟର ୨୬ ତମ ବୈଠକ ମାନ୍ୟବର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା।

ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କ୍ୟାବିନେଟ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ସମ୍ପର୍କରେ ଗଣ ମାଧ୍ୟମକୁ ସୂଚନା ଦେଇଥିଲେ। କ୍ୟାବିନେଟ ବୈଠକରେ ମୋଟ ୫ ଟି ବିଭାଗର ୦୫ ଟି ପ୍ରସ୍ତାବ ଆଲୋଚନା ପୂର୍ବକ ଅନୁମୋଦନ କରାଯାଇଥିଲା। ଗୃହ ଓ ନଗର ଉନ୍ନୟନ ବିଭାଗ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ବାଣିଜ୍ୟ ଓ ପରିବହନ ବିଭାଗ, ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ଏବଂ ପଂଚାୟତିରାଜ ଓ ପାନୀୟ ଜଳ ବିଭାଗ ତରଫରୁ ଗୋଟିଏ ଲେଖାଏଁ ଏହିପରି ମୋଟ ୫ ଟି ବିଭାଗର ୫ ଟି ପ୍ରସ୍ତାବ ଆଗତ ସହ ସମସ୍ତ ପ୍ରସ୍ତାବଗୁଡିକ ରାଜ୍ୟ କ୍ୟାବିନେଟ ବୈଠକରେ ଅନୁମୋଦନ ଲାଭ କରିଛି।



ଓଡ଼ିଶା ରାଜ୍ୟ କ୍ୟାବିନେଟ ଭୁବନେଶ୍ୱର ଉନ୍ନୟନ ଯୋଜନା ଅଞ୍ଚଳ (ବିଡିପିଏ) ମଧ୍ୟରେ ଏକ ଆଧୁନିକ ଏବଂ ସମାବେଶୀ ସହରୀ କେନ୍ଦ୍ର ସୃଷ୍ଟି ପାଇଁ ପ୍ରସ୍ତାବିତ ନୂଆ ସହର ଉନ୍ନୟନ (ନିୟୁ ସିଟି) ଯୋଜନାକୁ ସାମ୍ବିଧାନିକ ଅନୁମୋଦନ ପ୍ରଦାନ କରିଛି। ଏହି ପ୍ରକଳ୍ପ ଗୋଠପାଟଣା, ମଳିପଡ଼ା ଓ ଦାଶପୁର ଅଞ୍ଚଳର ପ୍ରାୟ ୮୦୦ ଏକର ଜମିକୁ ନେଇ ହେବ। ଏହା ରାଜ୍ୟର ଦୀର୍ଘକାଳୀନ ବିକାଶ ଯୋଜନା ବିକଶିତ ଓଡ଼ିଶା ୨୦୩୬ ସହ ଜଡ଼ିତ ।ଏକ ବହୁ-ଅର୍ଥନୀତି ବୃଦ୍ଧି ଅଞ୍ଚଳ ଭାବେ ତିଆରି ହେବ ନୂଆ ସହର (ନିୟୁ ସିଟି) ଏକ ପରିବହନ-କେନ୍ଦ୍ରିକ ଯୋଜନା, ଯାହା ସହଜ ସାର୍ବଜନୀନ ପରିବହନ, କମ ଯାତ୍ରା ଦୂରତା ଓ ବିଭିନ୍ନ ଜମି ବ୍ୟବହାରର ସୁଗମ ସଂଯୋଗ ଉପରେ ଧ୍ୟାନ ଦେଇଛି। ଏହା ସମସ୍ତଙ୍କ ପାଇଁ ଘର ଯୋଗାଇବା ଲକ୍ଷ୍ୟ ରଖୁଛି, ଯେଉଁଥିରେ ସମସ୍ତ ଆୟ ଶ୍ରେଣୀ ପାଇଁ ସାମର୍ଥ୍ୟ ଓ ଆବଶ୍ୟକତା ଅନୁସାରେ ବିଭିନ୍ନ ପ୍ରକାରର ଘର ଉପଲବ୍ଧ ହେବ। ଏହି ସହର ଆଧୁନିକ ସୁବିଧା ସହିତ ତିଆରି ହେବ, (ଏମଆଇସିଇ )ଯେପରିକି ବୈଠକ, ପ୍ରୋତ୍ସାହନ, ସମ୍ମିଳନୀ ଓ ପ୍ରଦର୍ଶନୀ ପାଇଁ ସୁବିଧା, ନୂଆ ଆଇଡିଆ-ଆଧାରିତ କାର୍ଯ୍ୟକ୍ଷେତ୍ର ଓ ଡାଟା ପରିଚାଳନା କେନ୍ଦ୍ର ଲୋକଙ୍କ ସାମାଜିକ ଆବଶ୍ୟକତା ପୂରଣ ଓ ସମୁଦାୟରେ ମିଳାମିଶା ବୃଦ୍ଧି ପାଇଁ ସେଣ୍ଟ୍ରାଲ ଫରେଷ୍ଟ ପାର୍କ, ଗେଟଟେ ପ୍ଲାଜା ଓ ଅନେକ ଖୋଲା ସାର୍ବଜନୀନ ସ୍ଥାନ ତିଆରି ଉପରେ ବିଶେଷ ଗୁରୁତ୍ୱ ଦିଆଯିବ।

ବର୍ତ୍ତମାନ, ବିଭିନ୍ନ ସରକାରୀ ପଦବୀ ଏବଂ ସେବାରେ ନିଯୁକ୍ତି ପାଇଁ ଆବେଦନ ଏବଂ ପରୀକ୍ଷା ଫି ପ୍ରଦାନ ବନ୍ଦ ନିୟମାବଳୀ, ୨୦୨୨ ଅନୁଯାୟୀ ନିଯୁକ୍ତି ସଂସ୍ଥା ଦ୍ୱାରା ପରିଚାଳିତ ନିଯୁକ୍ତି ପରୀକ୍ଷାରେ ଅଂଶ ଗ୍ରହଣ କରୁଥିବା ପ୍ରାର୍ଥୀମାନଙ୍କଠାରୁ କୌଣସି ପରୀକ୍ଷା ଫିସ୍ ଆଦାୟ କରାଯାଉ ନାହିଁ। ଫଳସ୍ୱରୂପ, ବିଭିନ୍ନ ପରୀକ୍ଷା ପାଇଁ ଅନେକ ସଂଖ୍ୟକ ଆବେଦନ ଗ୍ରହଣ କରାଯାଉଅଛି। ପରୀକ୍ଷା ସମୟରେ ବହୁ ସଂଖ୍ୟାରେ ଆଶାୟୀ ପରୀକ୍ଷାର୍ଥୀ ଅନୁପସ୍ଥିତ ରହିବାର ପରିଲକ୍ଷିତ ହେଉଅଛି। ଏହା ଫଳରେ ପ୍ରଶାସନିକ ବୋଝ ବୃଦ୍ଧି ହେବା ସହିତ ପରୀକ୍ଷା ପରିଚାଳନା ଖର୍ଚ୍ଚ ଅଧିକ ହେଉଅଛି ଏବଂ ସର୍ବସାଧାରଣ ସମ୍ବଳର ଅପଚୟ ହେଉଅଛି। ଏହି ପରିପ୍ରେକ୍ଷୀରେ, ଆବେଦନ ପ୍ରକ୍ରିୟାର ଗୁଣବତ୍ତା ବୃଦ୍ଧି ତଥା ଅନାଗ୍ରହୀ ପ୍ରାର୍ଥୀମାନଙ୍କ ସଂଖ୍ୟା ହ୍ରାସ କରିବା ସହ ସରକାରୀ ନିଯୁକ୍ତି ପାଇଁ ପ୍ରକୃତ ଏବଂ ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନଙ୍କ ଆବେଦନକୁ ସୁନିଶ୍ଚିତ କରିବା ପାଇଁ, ବର୍ତ୍ତମାନର ରାଜ୍ୟ ସରକାର ଏହି ବିଭିନ୍ନ ସରକାରୀ ପଦବୀ ଏବଂ ସେବାରେ ନିଯୁକ୍ତି ପାଇଁ ଆବେଦନ ଏବଂ ପରୀକ୍ଷା ଫି ପ୍ରଦାନ ବନ୍ଦ ନିୟମାବଳୀ,୨୦୨୨କୁ ବାତିଲ୍ କରି, ନିଯୁକ୍ତି ପ୍ରକ୍ରିୟାରେ ଅଂଶ ଗ୍ରହଣ କରିବା ପାଇଁ ଅନୁସୂଚିତ ଜାତି, ଅନୁସୂଚିତ ଜନଜାତି ଏବଂ ଭିନ୍ନକ୍ଷମ ବର୍ଗ ବ୍ୟତିତ ଅନ୍ୟ ସମସ୍ତ ଆବେଦନକାରୀମାନଙ୍କଠାରୁ ଫିସ୍ ସଂଗ୍ରହ କରିବା ପାଇଁ ନିଷ୍ପତ୍ତି ନେଇଛନ୍ତି।

ଗ୍ରାମ ପଞ୍ଚାୟତ ସମିତି ସ୍ତରରେ ବୃଦ୍ଧି ପାଇଥିବା ପାଣ୍ଠିର ଓ ବିକାଶମୂଳକ କାର୍ଯ୍ୟର ପରିମାଣକୁ ଦୃଷ୍ଟିରେ ରଖି, ଓଡ଼ିଶା ପଞ୍ଚାୟତ ସମିତି ହିସାବ ପ୍ରଣାଳୀ ନିୟମାବଳୀ, ୨୦୦୨ ଅଧୀନରେ ନିର୍ଦ୍ଧାରିତ ବୈଷୟିକ ମଞ୍ଜୁରୀ ଓ ପ୍ରଶାସନିକ ଅନୁମୋଦନ ସୀମାକୁ ବୃଦ୍ଧି କାରାଯାଇଛି। କ୍ୟାବିନେଟ୍‌ର ଏହି ନିଷ୍ପତ୍ତିରେ ବ୍ଲକ୍ ଉନ୍ନୟନ ଅଧିକାରୀ (ବିଡିଓ) ମାନଙ୍କର ପଞ୍ଚାୟତ ସମିତି କାର୍ଯ୍ୟର ବିଲ୍ ପାସ୍ କରିବା ପାଇଁ ଆର୍ଥିକ କ୍ଷମତାଆଉ କୌରସି ପ୍ରତି - ସ୍ୱାକ୍ଷର ବିନା ୨ ଲକ୍ଷ ଟଙ୍କାରୁ ୧୦ ଲକ୍ଷ ଟଙ୍କାକୁ ବୃଦ୍ଧି କରାଯାଇଛି। ଏହି କ୍ୟାବିନେଟ୍ ସିଦ୍ଧାନ୍ତ ପରେ ବିକାଶମୂଳକ କାର୍ଯ୍ୟଗୁଡିକ ପାଇଁ ବୈଷୟିକ ମଞ୍ଜୁରୀ ଓ ପ୍ରଶାସନିକ ଅନୁମୋଦନ ସମ୍ବନ୍ଧୀୟ ଆର୍ଥିକ କ୍ଷମତା ବୃଦ୍ଧି କରାଯାଇଛି। ସାଧାରଣ ବିକାଶ ଯୋଜନା ପାଇଁ (ମନରେଗା ବ୍ୟତୀତ), କନିଷ୍ଠ / ସହକାରୀ ଯନ୍ତ୍ରୀମାନେ ଏବେ ୫ ଲକ୍ଷ ଟଙ୍କା ପର୍ଯ୍ୟନ୍ତ ବୈଷୟିକ ମଞ୍ଜୁରୀ ପ୍ରଦାନ କରିବେ, ଯେତେବେ ସହକାରୀ ନିର୍ବାହୀ ଯନ୍ତ୍ରୀମାନଙ୍କୁ ୫ ଲକ୍ଷ ଟଙ୍କାରୁ ୨୦ ଲକ୍ଷ ଟଙ୍କା ପର୍ଯ୍ୟନ୍ତ କ୍ଷମତା ଦିଆଯାଓଇଛି। ନିର୍ବାହୀ ଯନ୍ତ୍ରୀମାନେ ୨୦ ଲକ୍ଷରୁ ୧ କୋଟି ଟଙ୍କା ପର୍ଯ୍ୟନ୍ତ ପ୍ରକଳ୍ପ, ଅଧୀକ୍ଷଣ ଯନ୍ତ୍ରୀମାନେ ୧ କୋଟି ଟଙ୍କାରୁ ୪ କୋଟି ଟଙ୍କା ପର୍ଯ୍ୟନ୍ତ ଏବଂ ୪ କୋଟି ଟଙ୍କାରୁ ଅଧିକ ପ୍ରକଳ୍ପ ମୁଖ୍ୟ ଯନ୍ତ୍ରୀଙ୍କ ଦ୍ୱାରା ବୈଷୟିକ ମଞ୍ଜୁରୀ ପ୍ରଦାନ କରିବେ।

ସେହିପରି ସଡ଼କ ସୁରକ୍ଷା ଭାରତ ତଥା ଓଡ଼ିଶା ପାଇଁ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ବିଷୟ। ସରକାରଙ୍କ ଦ୍ୱାରା ଅନେକ ପଦକ୍ଷେପ ନିଆଯାଉଥିଲେ ମଧ୍ୟ, ମୋଟର ଯାନ ଅଧିନିୟମ ଉଲ୍ଲଂଘନ ପାଇଁ ଜାରି କରାଯାଇଥିବା ଚାଲାଣ ସଂଖ୍ୟା ଆଶାନୁରୂପ ଭାବେ ହ୍ରାସ ପାଇନାହିଁ। ଯାହା କି ନିୟମ ପାଳନ ତଥା ରସ୍ତା ସୁରକ୍ଷା ସୁନିଶ୍ଚିତ କରିବା ପାଇଁ ଚାଲୁ ରହିଥିବା କାର୍ଯ୍ୟକ୍ରମଗୁଡିକ ପାଇଁ ଏକ ଆହ୍ୱାନ। ଏହି ପରିପ୍ରେକ୍ଷୀରେ ୩୧ ଜୁଲାଇ ୨୦୨୫ ସୁଦ୍ଧା କେତେକ ବକେୟା ଥିବା ନିର୍ଦ୍ଦିଷ୍ଟ ଇ-ଚାଲାଣ ପାଇଁ ଓଡ଼ିଶା ସରକାର ମୋଟର ଯାନ ଅଧିନିୟମ ଅନୁଯାୟୀ ଏକକାଳୀନ ସମାଧାନ ଯୋଜନା ଘୋଷଣା କରିଛନ୍ତି। ଏହି ପଦକ୍ଷେପ ଉଲ୍ଲଂଘନକାରୀମାନଙ୍କୁ ହ୍ରାସିତ ପରିମାଣର ଜରିମାନା ରାଶି ପୈଠ କରି ସେମାନଙ୍କ ଚାଲାଣ ଗୁଡ଼ିକର ଫଇସଲା କରିବା ପାଇଁ ସୁଯୋଗ ପ୍ରଦାନ ରକିବ। ଏହି ଏକକାଳୀନ ଜୋରିମାନା ହ୍ରାସ ଯୋଜନା, ନିୟମ ପାଳନକୁ ପ୍ରୋତ୍ସାହିତ କରିବା ପାଇଁ ଏକ ସମ୍ବେଦନଶୀଳ ଓ ଦୃଢ ପଦକ୍ଷେପ। ଏହି ଯୋଜନାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ବକେୟା ଜୋରିମାନାକୁ ଦୃଢତାର ସହ ଆଦାୟ କରିବା ଏବଂ ଉଲ୍ଲଂଘନକାରୀମାନଙ୍କୁ ସୁରକ୍ଷିତ ଗାଡ଼ି ଚଳାଇବା ଅଭ୍ୟାସ ଆପଣାଇବାକୁ ଉତ୍ସାହିତ କରି ସଡ଼କ ସୁରକ୍ଷା ପ୍ରୋତ୍ସାହିତ କରିବା।

୪୨୮ ଗୋଟି ଆମ୍ବୁଲାନ୍ସ କ୍ରୟ ନିମନ୍ତେ କ୍ୟାବିନେଟ୍ ଅନୁମୋଦନ ମିଳିଛି। ଏହି ଯେଜାନା ଅନୁଯାୟୀ ୧୧-୧୨ ଲକ୍ଷ ଜରୁରୀକାଳୀନ ରୋଗୀ ମାମଲା (ଗର୍ଭବତୀ ମହିଳା ଏବଂ ଶିଶୁଙ୍କ ସମେତ) ୨୦ ମିନିଟ୍ ମଧ୍ୟରେ ଆମ୍ବୁଲାନ୍ସ ଦ୍ୱାରା ନିର୍ଦ୍ଦିଷ୍ଟ ଜନସ୍ୱାସ୍ଥ୍ୟ ସୁବିଧାକୁ ସ୍ଥାନାନ୍ତରିତ କରାଯିବ। ବର୍ତ୍ତମାନ

## ଆତ୍ମହତ୍ୟା ସମାଧାନର ରାସ୍ତା ନୁହେଁ : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୦।୮(ନି.ପ୍ର.): ଆତ୍ମହତ୍ୟା ନିରୋଧ ଦିବସରେ, ଆତ୍ମହତ୍ୟା ସମାଧାନର ରାସ୍ତା ନୁହେଁ, ଏହା ଏକ ଦୁର୍ବଳ ମାନସିକତା ବୋଲି କହି ଲୋକଙ୍କୁ ସଚେତନ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ । ଏନେଇ ସୋସିଆଲ ମିଡିଆ ଏକ୍ସରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆତ୍ମହତ୍ୟା ସମାଧାନର ରାସ୍ତା ନୁହେଁ, ଏହା ଏକ ଦୁର୍ବଳ ମାନସିକତା। ଆତ୍ମହତ୍ୟା ନିବାରଣ ପାଇଁ ଆମ ସରକାର ରାଜ୍ୟବ୍ୟାପୀ 'ଜୀବନ ଜିନ୍ଦାବାଦ' କାର୍ଯ୍ୟକ୍ରମ ଆରମ୍ଭ କରିଛନ୍ତି।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆଜି ଆତ୍ମହତ୍ୟା ନିବାରଣ ଦିବସରେ ଆସନ୍ତୁ ସଂକଳ୍ପ ନେବା – ସମସ୍ୟାକୁ ହରାଇବା, ଜୀବନକୁ ଭଲ ପାଇବା, ଆତ୍ମହତ୍ୟାର ନିବାରଣ ପାଇଁ ବ୍ୟାପକ ସାମାଜିକ ସଚେତନତା ସୃଷ୍ଟି କରିବା ଦିଗରେ ଆମେ ସମସ୍ତେ କାମ କରିବା।

ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଏହି ଅବସରରେ ମୁଁ ସମସ୍ତଙ୍କୁ, ବିଶେଷ ଭାବେ ଯୁବ ସମାଜକୁ ନିବେଦନ କରିବି ଯେ ' ବିଶ୍ୱ ନିୟନ୍ତାଙ୍କ ପ୍ରଦତ୍ତ ଜୀବନ ହେଉଛି ଅମୂଲ୍ୟ'। ଜୀବନରେ ଏମିତି କିଛି ସମସ୍ୟା ନାହିଁ, ଯାହାର କୌଣସି ସମାଧାନ ନାହିଁ। ଆପଣ ସମ୍ମୁଖୀନ ହେଉଥିବା ସମସ୍ତ ଛୋଟ ବଡ଼ ସମସ୍ୟାର ସମାଧାନ କରିବା ପାଇଁ ସରକାର ସବୁବେଳେ ଆପଣଙ୍କ ସହିତ ଛିଡ଼ା ହୋଇଛନ୍ତି। ଯଦି ବ୍ୟକ୍ତିଗତ ସ୍ତରରେ କେହି ବ୍ଲାକମେଲ କିମ୍ବା ହାରାସମେଣ୍ଟ କରୁଛନ୍ତି ତୁରନ୍ତ କର୍ତ୍ତୃପକ୍ଷଙ୍କୁ ଅବଗତ କରାନ୍ତୁ। ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯିବ। ଆଜିର 'ବିଶ୍ୱ ଆତ୍ମହତ୍ୟା ନିବାରଣ ଦିବସ' କେବଳ ଅନ୍ୟ ଦିବସ ପାଳନ କରିବା ପରି ଔପଚାରିକତାରେ ସୀମାବଦ୍ଧ ହେଇ ନ ରହୁ। ଆତ୍ମହତ୍ୟା ସମାଧାନ ନୁହେଁ। ଏହା ପରିବାରକୁ ସବୁଦିନ ପାଇଁ ଅକଥନୀୟ ଦୁଃଖ ଦୁର୍ଦ୍ଦଶା ଦେଇଥାଏ। ଆସନ୍ତୁ, ଆଜିର ଦିନରେ ଆଉଥରେ ସଂକଳ୍ପ ନେବା ଯେ ଜୀବନକୁ ହର୍ଷ ଓ ଉଲ୍ଲାସର ସହ ଉପଭୋଗ କରିବା ଏବଂ ସବୁ ସମସ୍ୟାକୁ ପରିବାର ତଥା ସରକାରଙ୍କ ସହଯୋଗରେ ସମାଧାନ କରି ଆଗକୁ ବଢ଼ିବାକୁ ଆହ୍ୱାନ ଦେଇଛନ୍ତି ମୁଖ୍ୟମନ୍ତ୍ରୀ।



# କେନ୍ଦ୍ରାପଡା ଜିଲ୍ଲା ସ୍ତରୀୟ ଅଂଶୀଦାର ଦକ୍ଷତା ମୂଲ୍ୟାଙ୍କନ କର୍ମଶାଳା

କେନ୍ଦ୍ରାପଡ଼ା,୧୦।୯:(ମନ୍ଥନ)ସଂଯୁକ୍ତ ଜାତିସଙ୍ଘର ଖାଦ୍ୟ ଓ କୃଷି ସଂଗଠନ (ଫାଓ) ଏବଂ ଶାନ୍ତା ମେମୋରିଆଲ ରିହାବିଲଷ୍ଟେସନ ସେଣ୍ଟର (ଏସ.ଏମ.ଆର.ସି ) ଭୁବନେଶ୍ୱରଙ୍କ ମିଳିତ ଆନୁକୂଲ୍ୟରେ ବୁଧବାର ଜିଲ୍ଲା ମୁଖ୍ୟ କୃଷି ଅଧିକାରଙ୍କ ସମ୍ମିଳନୀ କକ୍ଷରେ ଜିଲ୍ଲା ସ୍ତରୀୟ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ରଘୁରାମ ଆର. ଆୟାର ମୁଖ୍ୟଅତିଥି ଭାବେ ଯୋଗଦେଇ କର୍ମଶାଳାକୁ ଅନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମରେ ଏସ.ଏମ.ଆର.ସିର କାର୍ଯ୍ୟକାରୀ ଉପସଭାପତି ତଥା ପ୍ରକଳ୍ପ ଉପଦେଷ୍ଟା ପ୍ରଫେସର ଆଶାହଂସ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଆଇ.ଓ.ଏମ ପକ୍ଷରୁ ଡାକ୍ତର ନବନିତା ଦାସ ବକ୍ତବ୍ୟ ପ୍ରଦାନ



କରିଥିଲେ। ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସୁରେନ୍ଦ୍ର କୁମାର ମଲ୍ଲିକଙ୍କ ଅଧକ୍ଷତାରେ ବୈଷୟକ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଏସ.ଏମ.ଆର.ସିର ଜେଣ୍ଡର ଏକ୍ସପୋର୍ଟ ସ୍ମୃତିମୟୀ ତ୍ରିପାଠୀ ଓ ଚାଇଲ୍ଡ ଏକ୍ସପୋର୍ଟ ପ୍ରଣତି ମିଶ୍ର ପ୍ରସନ୍ନପୁର, ପ୍ରହରାଜ ପୁର ଏବଂ କଜଳପାତିଆରେ ହୋଇଥିବା ସମୂହ ଆଲୋଚନାର ନିଷ୍କର୍ସକୁ ଉପସ୍ଥାପନ କରିଥିଲେ। ଏହି ଆଲୋଚନାରେ ନାରୀ,ଶିଶୁ ଓ ଯୁବଗୋଷ୍ଠୀଙ୍କ ଉପରେ ଜଳବାୟୁ ପରିବାର୍ତ୍ତନ, ସ୍ଥାନାନ୍ତରଣ ଓ ଗ୍ରାମୀଣ ଜୀବିକାର ପ୍ରସଙ୍ଗ କେତେ ସମ୍ବେଦନଶୀଳ ସେ ସମ୍ପର୍କରେ ରାଜନଗର ଓ ମହାକାଳପଡ଼ାର ଗୋଷ୍ଠୀ ଉନ୍ନୟନ ଅଧିକାରୀ ଓ ପଞ୍ଚାୟତ ଅଧିକାରୀ ନିଜର ବକ୍ତବ୍ୟ ରଖିଥିଲେ। ଜିଲ୍ଲାର ବିଭିନ୍ନ ବର୍ଗର ପ୍ରତିନିଧିଗଣ ଯୋଗେଦେଇ ଜିଲ୍ଲାର ଦାଦନ ଶ୍ରମିକ ହଟାଇବା, ଗ୍ରାମୀଣ ପରିବେଶରେ ଅର୍ଥନୀତିକୁ ଅଭିବୃଦ୍ଧି, ଶିକ୍ଷାର ଗୁଣାତ୍ମକ ବିକାଶ, ପାନୀୟ ଜଳ, ପରିମଳ ସେବା ବିପର୍ଯ୍ୟସ୍ତ ଆଡକୁ ଅଗ୍ରସର ହେଉଥିବା ନେଇ ଉଦବେଗ ପ୍ରକାଶ ପାଇଥିଲା। ଏହାର ସମସ୍ୟା ଉପରେ ଜିଲ୍ଲା ପ୍ରଶାସନ ବିହିତ ପଦକ୍ଷେପ ଗ୍ରହଣ କରିବାକୁ ଅନୁରୋଧ କରିଛନ୍ତି । ଜିଲ୍ଲା ସଂଯୋଜକ ରବି ନାରାୟଣ ନାୟକ, ପବିତ୍ର କୁମାର ସ୍ୱାଇଁ, ଓ୍ୱାସନର ଜିଲ୍ଲା ସଂଯୋଜକ ଶିତିକଣ୍ଠ ସାମନ୍ତସିଂ, ଆଡ଼ଏଟ ଆକ୍ସନର ଏମଆରସି ସଂଯୋଜିକା ସସ୍ମିତା ଦାସ ଓ ସେବାର ସମ୍ପାଦିକ ଅଳକା ସାହୁ ପ୍ରମୁଖ କାର୍ଯ୍ୟକ୍ରମର ସଂଚାଳନା ସହିତ ସହଯୋଗ କରିଥିଲେ । ଶେଷରେ ଚାଇଲ୍ଡ ଏକ୍ସପୋର୍ଟ ପ୍ରଣତି ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

# ଟାଟା ପାଓ୍ୱାର ବେଡମିଣ୍ଟନ ପ୍ରତିଯୋଗିତା ଜୋନାଲ ଚମ୍ପିୟାନ ହେଲେ ଶଙ୍କର ରାଏ

ବଲାଙ୍ଗିର,୧୦।୯:(ମନ୍ଥନ) ଟାଟା ପାଓ୍ୱାର ବୁର୍ଲା ଅଧିବସ୍ଥ ୫ଟି ସର୍କିଲ ର କର୍ମରତ ବ୍ୟାଡମିଣ୍ଟନ ଖେଳାଳିଙ୍କ ମଧ୍ୟରେ ଜୋନାଲ ସ୍ତରୀୟ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏହି ପ୍ରତିଯୋଗିତାରେ ବଲାଙ୍ଗିର ଦଳ ତରଫରୁ ଏକ ୫ଜଣିଆ। ଟିମ୍ ଯୋଗ ଦେଇଥିଲେ । ଦଳରୁ ପ୍ରତିନିଧିତ୍ୱ କରୁଥିବା ବଲାଙ୍ଗିର ଟାଟା ପାଓ୍ୱାର ଖେଳାଳି ଶଙ୍କର ରାଏ ୪୦ ବୟସ ବର୍ଗର ସିଙ୍ଗିଲ୍ସ ବିଭାଗରେ ଚମ୍ପିୟାନ ହୋଇ ସ୍ୱର୍ଣ୍ଣପଦକ ହାସଲ କରିଛନ୍ତି । ବିଜୁ ପଟ୍ଟନାୟକ ଇନ୍ଡୋର ଷ୍ଟଡିୟମ ବୁର୍ଲାରେ ଅନୁଷ୍ଠିତ ଏହି ପ୍ରତିଯୋଗିତା ର ଶ୍ରେଷ୍ଠ ଖେଳାଳିମାନେ ଏହି ମାସର ୨୦ତାରିଖରେ ମୁମ୍ବାଇ ଠାରେ ଆୟୋଜିତ ହେବାକୁ ଥିବା ଟାଟା ପାଓ୍ୱାରର ସର୍ବଭାରତୀୟ ପ୍ରତିଯୋଗିତା ପାଇଁ ଯୋଗତା ଅର୍ଜନ କରିବେ। ଶଙ୍କର ରାଏ ଜୋନ ତରଫରୁ ଏହି ପ୍ରତିଯୋଗିତାରେ ଭାଗ ନେବା ପାଇଁ ଯୋଗ୍ୟ ବିବେଚିତ ହୋଇଛନ୍ତି । ବଲାଙ୍ଗିର ଠାରେ ଅଭ୍ୟାସରତ ଶଙ୍କର ରାଏ ଡବଲ୍ସ କେଟେରୋରି ରେ ମଧ ସାଥୀ ଖେଳାଳି ରମେଶ ସାହୁଙ୍କ ସହ ଖେଳି ଉଚ୍ଚ କୋଟିର ପ୍ରଦର୍ଶନ କରିଥିଲେ ଯ ତାଙ୍କର ଏହି ସଫଳତା ପାଇଁ ଜିଲ୍ଲା ବ୍ୟାଡମିଣ୍ଟନ ସଂଘ ତରଫରୁ ସଭାପତି ଗୋପାଳ ଚନ୍ଦ୍ର ପଣ୍ଡା, ସଂପାଦକ ସୁରୁଲାଲ ମଟାରୀ, ପବିତ୍ର ବେହେରା, ଘନଶ୍ୟାମ ମିଶ୍ର, ମାନସ ମହାନ୍ତି, ଅନ୍ତ ବେହେରା ପ୍ରମୁଖ ଶୁଭେଚ୍ଛା ବାର୍ତ୍ତା ଜଣାଇଛନ୍ତି । ଏହି ପ୍ରତିଯୋଗିତାରେ ଟାଟା ପାଓ୍ୱାରର ବୈବିସାୟିକ ମୁଖ୍ୟ ଗଜାନନ କାଲେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଖେଳାଳିମାନଙ୍କୁ ପୁରସ୍କୃତ କରିଥିଲେ । ବଲାଙ୍ଗିର ଦଳ ତରଫରୁ ଶଙ୍କର ରାଏଙ୍କ ସହ ରିଆଜୁଲ ହକ୍, ତେଜନ କୁମାର ମିଶ୍ର, ବୁଦ୍ଧଦେବ ମିଶ୍ର, ନିଳାମ୍ବର ଷାଣ୍ଢ ପ୍ରମୁଖ ଯୋଗ ଦେଇଥିଲେ ।

# ବିଶ୍ୱ ଆତ୍ମହତ୍ୟା ନିରୋଧ ଦିବସ ପାଳିତ

ମାଲକାନଗିରି, ୧୦।୯:(ମନ୍ଥନ)ସରକାରୀ ସ୍ନାତକ ମହାବିଦ୍ୟାଳୟ,ଚିତ୍ରକୋଣ୍ଡାରେ ବିଶ୍ୱ ଆତ୍ମହତ୍ୟା ନିରୋଧ ଦିବସ ପାଳିତ ହୋଇଯାଇଛି । ଅଧକ୍ଷ ଡ. ଚିନ୍ମୟ କୁମାର ବେହେରାଙ୍କ ପୌରୋହିତ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ,ଅଧ୍ୟାପିକା, କର୍ମଚାରୀମାନଙ୍କ ସମେତ ଯୁକ୍ତତିନି ଓ ଯୁକ୍ତଦୁଇ ଶ୍ରେଣୀର ସମସ୍ତ ଛାତ୍ରଛାତ୍ରୀ ଯୋଗଦେଇଥିଲେ । ବିଶ୍ୱରେ ଆତ୍ମହତ୍ୟା ବୃଦ୍ଧିର କାରଣ ,ଏହାର ନିରାକରଣ



ନିମନ୍ତେ ବିହିତ ପଦକ୍ଷେପ ଗ୍ରହଣ, ମାନସିକ ସ୍ୱାସ୍ଥ୍ୟରେ ଉନ୍ନତି, ଅବସାଦର ଅପସାରଣ, କ୍ରୋଧର ନିୟନ୍ତ୍ରଣ, ବିଫଳତାରୁ ସଫଳତାର ରାସ୍ତା ନିର୍ଣ୍ଣୟ ଆଦି ପ୍ରସଙ୍ଗରେ ଅଧକ୍ଷ ଏକ ତଥ୍ୟ ଆଧାରିତ ନିବନ୍ଧ ପାଠକରିଥିଲେ । ଏହା ସହିତ ଆତ୍ମବଳ ବୃଦ୍ଧି, ମାନସିକଚାପରୁ ମୁକ୍ତି, ବ୍ୟକ୍ତିଗତ ହତାଶାରୁ ଉପରକୁ ଉଠିବାର କୌଶଳ ସମ୍ପର୍କରେ ବିବିଧ ସୁନ୍ଦର କାହାଣୀମାନ ଉପସ୍ଥାପନ କରିଥିଲେ। ଛାତ୍ରଛାତ୍ରୀମାନେ ନାନା ପ୍ରଶ୍ନ ମାଧ୍ୟମରେ ସେମାନଙ୍କ ଜିଜ୍ଞାସା ବ୍ୟକ୍ତ କରିଥିଲେ। ଏହି ଦିବସ ଅବସରରେ ସ୍ୱାଭିମାନ ଅଞ୍ଚଳରେ ନାନା ସମସ୍ୟା ଭିତରେ ବି କିପରି ଧୈର୍ଯ୍ୟ ଓ ଆତ୍ମବଳ ବଜାୟ ରଖି ସଫଳତା ପାଇବା ପର୍ଯ୍ୟନ୍ତ ଲଢ଼ିବାକୁ ହେବ ସେ ବିଷୟରେ ଛାତ୍ରଛାତ୍ରୀମାନେ ସଂକଳ୍ପ କରିଥିଲେ। ଅନ୍ୟାନ୍ୟ ଅଧ୍ୟାପକ ଓ ଅଧ୍ୟାପିକାମାନେ ମଧ୍ୟ ଏହି କାର୍ଯ୍ୟକ୍ରମରେ ନିଜ ଅନୁଭୂତି ସଂଘର୍ଷ ଓ ସାଧନାର କଥାକୁ ପ୍ରେରଣାତ୍ମକ ଶୈଳୀରେ ଉପସ୍ଥାପନ କରିଥିଲେ । ସର୍ବଶେଷରେ ଏହି ପ୍ରସଙ୍ଗରେ କିପରି ଆହୁରି ସଚେତନତା ସୃଷ୍ଟି କରାଯାଇପାରିବ ତାହା ନେଇ ଏକ ନକ୍ସା ପ୍ରସ୍ତୁତ କରାଯାଇ ସେଥିରେ ପିଲାମାନଙ୍କ ଭୂମିକା ବିଷୟରେ ଅବଗତ କରାଯାଇଥିଲା ।

# ସ୍ୱେଚ୍ଛାକୃତ ରକ୍ତଦାନ ଶିବିର, ୨୭ୟୁନିଟ ରକ୍ତ ସଂଗ୍ରହ

ପିପିଲି,୧୦।୯:(ମନ୍ଥନ)ପିପିଲି ବ୍ଲକ ଅର୍ନ୍ତଗତ ଜଇସିପାଟଣା ଛକ ନିକଟରେ ନେକ୍ସ ଓ ହେଲ୍ସ ଫାଉଣ୍ଡେସନ ପକ୍ଷରୁ ସ୍ୱେଚ୍ଛାକୃତ ରକ୍ତଦାନ ଶିବିରି ଅନୁଷ୍ଠିତ ହୋଇଯାଇଛି ।ଏଥିରେ ୨୭ ୟୁନିଟ ରକ୍ତ ସଗ୍ରହ କରାଯାଇଛି । ସମାଜସେବୀ ତଥା ରକ୍ତଦାତା ଗଜେନ୍ଦ୍ର ବେହେରାଙ୍କ ଜନ୍ମ ଦିନ ଉପଲକ୍ଷେ ନେକ୍ସ ସ ହେଲ୍ସ ଫାଉଣ୍ଡେସନ ପକ୍ଷରୁ ଏହି ଶିବିର ଆୟୋଜିତ ହୋଇଥିଲା । ସମାଜସେବୀ ରଶ୍ମିତା



ଦାସ, ଶିବ ଶଙ୍କର ରଥ,ପୁର୍ଣ୍ଣିମା ପ୍ରଧାନ ,ଗଣେଶ ବେହେରା ପ୍ରମୁଖ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମକୁ ଶୁଭ ଉଦଘାଟନ କରିଥିଲେ। ଫାଉଣ୍ଡେସନର ସଭାପତି ସୁବ୍ରତ ମଲ୍ଲିକ,ସଦସ୍ୟ ସର୍ବଜିତ ମିଶ୍ର, ଶ୍ରୀକା' ସାହୁ,ଦେବ ରନ ସାହୁ,ସ୍ମୃତୀ ରନ ଦାସ,ସକେ ସାହେଲ, ରଶ୍ମିରନ ପରିଡା, ସୁଧାଂସୁ ଶେଖର ପ୍ରଧାନ ,ମହମ୍ମଦ ଇବ୍ରାମ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିବା ସହ ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ ।ଏହି ଶବିରରେ ସେଣ୍ଟ୍ରାଲ ବ୍ଲଡ ବ୍ୟାଙ୍କ କଟକ ରକ୍ତ ସଂଗ୍ରହ କରିଥିଲେ।

# ଏସିଡ୍ ଆକ୍ରମଣ ଏବଂ ପିଡ଼ିତା କ୍ଷତିପୂରଣ ଯୋଜନା ସମ୍ବନ୍ଧୀୟ ଆଇନ୍ ସଚେତନତା କାର୍ଯ୍ୟକ୍ରମ

ଭଦ୍ରକ,୧୦।୯:(ମନ୍ଥନ) ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ ଅଧକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକଙ୍କ ନିର୍ଦ୍ଦେଶକ୍ରମେ ଚରମ୍ପା ମହାବିଦ୍ୟାଳୟ, ଚରମ୍ପା ଠାରେ ଏସିଡ୍ ଆକ୍ରମଣ ଜନିତ ପିଡ଼ିତା କ୍ଷତି ତଥା ଯୋଜନା ୨୦୧୬ ଓ ୨୦୧୭ ଏବଂ ତତ୍‌ସହ ସେମାନଙ୍କ ପାଇଁ ଥିବା ଆଇନ୍ ଓ ସେମାନଙ୍କ ପାଇଁ ସରକାରୀ ବ୍ୟବସ୍ଥା ସଂପର୍କରେ ଏକ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମକୁ ପୂଣ୍ୟଶ୍ଳୋକ ରଥ, ସଚିବ, ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣ, ଭଦ୍ରକ ପରିଚାଳନା କରିଥିଲେ । ଏହି ସଚେତନତା କାର୍ଯ୍ୟକ୍ରମରେ ପିଲାମାନଙ୍କ ଦ୍ୱାରା ଆୟୋଜିତ ଏସିଡ଼୍ ଆକ୍ରମଣ ଉପରେ ଗୋଟିଏ ସୁନ୍ଦର ନାଟକ କରିବେଶିତ ହୋଇଥିଲା ଯାହାକି ଉପସ୍ଥିତ ଥିବା ପିଲାମାନଙ୍କୁ ମଧ୍ୟ ଏକ ଶିକ୍ଷଣୀୟ ବିଷୟ ହୋଇଥିଲା। ପିଲାମାନେ ଏହି ବୟସରେ ନିଜର ପାଠ ତଥା ଭବିଷ୍ୟତକୁ ସୁନ୍ଦର ଭାବେ କିପରି ସଠିକ୍ ଉପାୟରେ ଗଢ଼ିତୋଳିବେ ତଥା ପିଲାମାନେ ଏହି ଛାତ୍ର ଜୀବନକୁ ଖରାପ ଦିଗରେ ନନେଇ ଆଗକୁ ଦେଶର ଜଣେ ସୁନାଗରିକ ହୋଇ ବାହାରନ୍ତୁ ତାହା ଉପରେ ପର୍ଯ୍ୟବେଶିତ ହୋଇଥିଲା । ଏହି ନାଟକର ଉପଦେଷ୍ଟା ତପନ କୁମାର ନାୟକ, ମୁଖ୍ୟ ଓଡ଼ିଆ ବିଭାଗ, ସୁନ୍ଦର ଶୈଳୀରେ ପିଲାମାନଙ୍କୁ ନେଇ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଏସିଡ୍ ଆକ୍ରମଣ ଉପରେ ସଚେତନତା ବାର୍ତ୍ତା ଏବଂ ଲଲାଟେନ୍ଦୁ ମହାନ୍ତିଙ୍କ ଦ୍ୱାରା ଆୟୋଜିତ ଏସିଡ୍ ଆକ୍ରମଣର ସୁନ୍ଦର ପ୍ରଦର୍ଶନ ଟିଏ ଯାହାକି ପିଲାଙ୍କ ପାଇଁ ଅତ୍ୟନ୍ତ ଆବଶ୍ୟକ ସେସବୁକୁ ସେ ସେହି ଭିଡ଼ିଓ ମାଧ୍ୟମରେ ପ୍ରଦର୍ଶିତ କରିଥିଲେ । ଏହି ସଚେତନତା କାର୍ଯ୍ୟକ୍ରମରେ ଯୋଗଦେଇଥିବା ଅତିଥିମାନଙ୍କ ମଧ୍ୟରେ ଅଂଶୁମାନ ଦ୍ୱିବେଦୀ, ଅତିରିକ୍ତ ଆରକ୍ଷୀ ଅଧିକାରୀ, ଭଦ୍ରକ, ଲଲାଟେନ୍ଦୁ ମହାନ୍ତି, ନିର୍ଦ୍ଦେଶକ, ଫେଲୋସିପ୍, ଭଦ୍ରକ ଡ଼ଃ. ତାପସ କୁମର ମହାନ୍ତି, ସହକାରୀ ପ୍ରତିପକ୍ଷ ଓକିଲ, ଭଦ୍ରକ, ହିମାଦ୍ରୀ ନନ୍ଦିନୀ ବିଶ୍ୱାଳ, ଜିଲ୍ଲା ବିଜ୍ଞାନ ନିରୀକ୍ଷକ, ଭଦ୍ରକ, ଅମରେନ୍ଦ୍ର ଦାସ, ଅଧକ୍ଷ ଚରମ୍ପା ମହାବିଦ୍ୟାଳୟ, ଭଦ୍ରକ ତଥା ତପନ କୁମାର ନାୟକ, ଅଧାପକ, ଓଡ଼ିଆ ବିଭାଗ ମୁଖ୍ୟ , ଡ଼. ସୁକାନ୍ତି ମହାପାତ୍ର, ଅଧାପିକ,ଇଂରାଜୀ ବିଭାଗ ମୁଖ୍ୟ ତଥା ମହାବିଦ୍ୟାଳୟର ଅନ୍ୟାନ୍ୟ ଅଧ୍ୟାପକ ଏବଂ ଅଧ୍ୟାପିକା, ମହାବିଦ୍ୟାଳୟର ସମସ୍ତ କର୍ମୀ ଏବଂ ଜିଲ୍ଲା ଆଇନ୍‌ସେବା ପ୍ରାଧିକରଣର କର୍ମୀ ମଧ୍ୟ ଯୋଗଦେଇ ଥିଲେ । ଏହି କାର୍ଯ୍ୟକ୍ରମ ଜରିଆରେ ଜାତୀୟ ଆଇନ୍‌ସେବା ପ୍ରାଧିକରଣଙ୍କ ପ୍ରଦତ୍ତ ଦେୟ ମୁକ୍ତ ନମ୍ବର ୧୫୧୦୦ ସାହାଯ୍ୟରେ ଜଣେ ଆଇନ୍ ସହାୟତା ପାଇପାରିବ ବୋଲି କୁହାଯାଇଥିଲା ।

# ଫୁଲଟାରେ ୨ ଡିଜେ ଗାଡି ମଧ୍ୟରେ ଲଢେଇ ଘଟଣା, ବାଲିପଡାର ଡିଜେ ସିଲ୍

କୁକୁଡାଖଣ୍ଡି,୧୦।୯:(ମନ୍ଥନ)ନିମଖଣ୍ଡି ଥାନା ଅନ୍ତର୍ଗତ ଫୁଲଟା ଗ୍ରାମରେ ଗଣେଷ ପୁଜା ବିସର୍ଜନ ବେଳେ ଦୁଇ ଡିଜେ ଗାଡି ମଧ୍ୟରେ ଲଢେଇ ଘଟଣା ସଂପୃକ୍ତ ଡିଜେ ମାଲିକଙ୍କ ପାଇଁ ମହଙ୍ଗା ପଡିଛି । ବ୍ରହ୍ମପୁର ଉପଜିଲାପାଳ ଓ ପୁଲିସ ବାଲିପଡାରେ ପହଞ୍ଚି ଉକ୍ତ ଡିଜେ ଗାଡିକୁ ଜବତ କରିବା ସହ ଡିଜେ ମାଲିକଙ୍କ କାର୍ଯ୍ୟାଳୟକୁ ସିଲ କରି ଦେଇଛନ୍ତି। ସୂଚନାଥାଉକି, ୨ ଦିନ ତଳେ ଗଣେଷ ପୂଜା ଭଷାଣୀ ବେଳେ ଗ୍ରାମରେ ୨ ଡିଜେ ଗାଡି ମଧ୍ୟରେ ଲଢେଇ ଦେଖିବାକୁ ମିଳିଥିଲା। ଗାଁ ମଝିରେ ୨ ଡିଜେ ଗାଡି ପରସ୍ପର ମଧ୍ୟରେ ବାରମ୍ବାର ଧକ୍କା ଦେଇଥିଲେ । ଏପରିକି ଜାଣିଶୁଣି ଧକ୍କା ଦେବା ସମୟରେ ଡିଜେ ଗାଡି ଉପରେ ଏକାଧିକ ଯୁବକ ବସିଥିଲେ । ଏହି ସମୟର ଦୃଶ୍ୟକୁ ଭଷାଣୀରେ ସାମିଲ ଯୁବକମାନେ ବେଶ ଉପଭୋଗ ମଧ କରୁଥିଲେ। ଡିଜେ ଗାଡି ଧକ୍କା ଯୋଗୁ ପଛରେ ଲାଗିଥିବା ଲାଇଟ ଓ ସାଉଣ୍ଡ ବକ୍ସ ଭାଙ୍ଗିରୁଜି ଚୁରମାର ହୋଇଯାଇଥିଲା ।



ତେବେ ଏହି ଘଟଣା ଗ୍ରାମରେ ଆଇନଶୃଙ୍ଖଳା ପରିସ୍ଥିତିକୁ ଉସକାଇଥିଲା । ଏହି ସମୟରେ ଉତ୍ତୋଳନ ହୋଇଥିବା ଦୃଶ୍ୟ ବିଭିନ୍ନ ଗଣମାଧ୍ୟମରେ ଭାଇରାଲ ହୋଇଥିଲା। ଏ ନେଇ ଅଭିଯୋଗ ପରେ ଆଜି ବ୍ରହ୍ମପୁର ଉପଜିଲାପାଳ ଅଭିନାଶ କୁମାର, କୁକୁଡାଖଣ୍ଡି ତହସିଲଦାର ରାଜ କିଶୋର ପଟ୍ଟନାୟକ, ନିମଖଣ୍ଡି ଥାନା ପୁଲିସ ପକ୍ଷରୁ ଘଟଣାର ତଦନ୍ତ କରାଯିବା ସହ ଲଢେଇରେ ସାମିଲ ଥିବା ବାଲିପଡାର ବଜରଙ୍ଗୀ ଓ ରାହୁଲ ଡିଜେକୁ ଜବ୍ଦ କରାଯିବା ସହ ଗୃହକୁ ସିଲ୍ କରାଯାଇଥିବା ନେଇ ଥାନା ଅଧିକାରୀ କୃଷ୍ଣ ଶାହା ସୂଚନା ଦେଇଛନ୍ତି ।

# ବ୍ରାଉନ୍ ସୁଗର କାରବାର ପେଣ୍ଟସ୍ଥଳୀ ପାଲଟିଛି ଜଳେଶ୍ୱର ସହର

ଜଳେଶ୍ୱର,୧୦।୯:(ମନ୍ଥନ) ଜଳେଶ୍ୱରରେ ସହରରେ ଖୋଲାଖୋଲି ଚାଲିଛି। ବ୍ରାଉନସୁଗର ବେପାର ପଶ୍ଚିମବଙ୍ଗର ମୁର୍ସିଦାବାଦରୁ ଜଳେଶ୍ୱର ପର୍ଯ୍ୟନ୍ତ ଭାୟା ଦୀଘା ରୁଟ୍ରେ ବାଇକ ଓ କାରରେ ଶହ ଶହ କୋଟି ଟଙ୍କାର ବ୍ରାଉନସୁଗର ଆସୁଛି । ଓଡ଼ିଶା ସମେତ ପଶ୍ଚିମବଙ୍ଗର ବିଭିନ୍ନ ଅଞ୍ଚଳରେ ବ୍ରାଉନସୁଗର ବେପାରକୁ ନିୟନ୍ତ୍ରଣ କରୁଛନ୍ତି ଜଳେଶ୍ୱରର ବେପାରୀ ଦୁଇ ରାଜ୍ୟକୁ ଲମ୍ବିଛି ଚେର । ଜିଲ୍ଲାପୋଲିସ ଓ ଅବକାରୀ ବିଭାଗ ଏହି ଘଟଣାର ଚେର୍ ମଧ ପାଉନି। ସୂଚନା ଅନୁସାରେ, ପଶ୍ଚିମବଙ୍ଗର ମୁର୍ସିବାବାଦରୁ ମାତ୍ର ଅଳ୍ପ ପରିମାଣରେ ବ୍ରାଉନସୁଗର ଆସୁଥିଲାୟ ହେଲେ, ଏବେ ମାସକୁ ଏକ କୁଇଣ୍ଟାଲରୁ ଅଧିକ ବ୍ରାଉନସୁଗର ଆସୁଛି। ଜଳେଶ୍ୱରର ନିଶା ମାଫିଆମାନେ ଓଡ଼ିଶା ସମେତ ପଶ୍ଚିମବଙ୍ଗର ବିଭିନ୍ନ ସୀମାନ୍ତବର୍ତ୍ତୀ ଅଞ୍ଚଳରେ ଖୋଲାଖୋଲି ବେପାର କରୁଛନ୍ତି କୁହାଯାଉଛି । ପୂର୍ବରୁ ମୁର୍ସିଦାବାଦରୁ ଜଳେଶ୍ୱରକୁ ସିଧାସଳଖ ରେଳପଥ ନହେଲେ ସଡ଼କପଥରେ ବ୍ରାଉନସୁଗର ଆସୁଥିଲା । ହେଲେ କେବେ ଆସିଲା, କେଉଁଠୁ ଆସିଲା ,ସେ ସବୁର ହିସାବ ପୁଲିସ ଓ ଅବକାରୀ ବିଭାଗ ଜାଣିପାଉଥିଲା । ଏବେ ପୁଲିସ ଓ ଅବକାରୀ ବିଭାଗକୁ ଚକମା ଦେଇ ମୁର୍ସିଦାବାଦ ବେପାରୀମାନେ ବ୍ରାଉନସୁଗର ଚାଲାଣର ନୂଆ। ରୁଟ୍ ବାଛିଛନ୍ତି । ମୁର୍ସିଦାବାଦରୁ ସିଧାସଳଖ ଦୀଘାକୁ ଥରକେ ୫ କିଲୋ ରୁ୧୦ କେଜି ଲେଖାଏଁ ବେପାରୀ ମାନେ କେତେବେଳେ ସିଧା ମୁର୍ସିଦାବାଦ ବେପାରୀ ଦୀଘା ଯାଏ ବ୍ରାଉନସୁଗର ପହଞ୍ଚାଉଛନ୍ତି ତ ଆଉ କେତେବେଳେ ଜଳେଶ୍ୱର ବେପାରୀ ନିଜେ ଯାଇ ମୁର୍ସିଦାବାଦରୁ ଆଣୁଛନ୍ତି । ଦୀଘାରୁ କାର ନ ହେଲେ ବାଇକରେ ଜଳେଶ୍ୱରକୁ ସୁରକ୍ଷିତ ଭାବେ ବ୍ରାଉନସୁଗର ଆସୁଛି। ଗୁରୁତ୍ୱପୂର୍ଣ୍ଣ ବିଷୟ ଏହି କି, ପୋଲିସ ଓ ଅବକାରୀ ବିଭାଗ ମଧ୍ୟରେ ସମନ୍ୱୟ ଅଭାବରୁ ଦୁଇ ବିଭାଗ ପାଖରେ କୌଣସି ଖବର ରହୁନି କି ସୂଚନାଦାତାଙ୍କ ସହ ପୁଲିସ ଆଉ ଯୋଗାଯୋଗରେ ରହୁନି। କେବଳ ଛୋଟ ଛୋଟ ବ୍ରାଉନ ସୁଗରକୁ ପୁଲିସ୍ ଧରି ବାହାବା ନେଉଛି। ସେପେଟ ପରିସ୍ଥିତି ଏପରି ହୋଇଛି ବ୍ରାଉନସୁଗର ବେପାରୀ ବିନା ଭୟରେ ବେପାର କରୁଛନ୍ତି । ଏପରିକି ଯେଉଁ ପୁରୁଣା ବେପାରୀ ପୂର୍ବରୁ ବେପାର କରି ପୁଲିସ୍ ଟାର୍ଗେଟର ଶିକାର ହୋଇ ବେପାରରୁ ମୁହଁ ଫେରାଇ ନେଇଥିଲେ, ସେମାନେ ଏବେ ପୁଲିସର ନିଷ୍କ୍ରିୟତା ଦେଖି ପୁଣି ବେପାରକୁ ଆପଣେଇ ନେଇଛନ୍ତି ଜଳେଶ୍ୱରର ୧୦ରୁ ଉର୍ଦ୍ଧ୍ୱ ବ୍ରାଉନସୁଗର ବେପାରୀ, ଯେଉଁମାନଙ୍କ ନାମରେ ଏନଡିପିଏସ ମାମଲାର ୱାରେଣ୍ଟ ରହିଛି ଅଥବା ଦୀର୍ଘଦିନ ହେଲା ଫେରାର ରହିଛନ୍ତି, ସେମାନେ ଏବେ ବେପାର କରି କୋଟି କୋଟି ଟଙ୍କା ରୋଜଗାର କରୁଛନ୍ତି ବୋଲି ଚର୍ଚ୍ଚ ଚାଲିଛି । ବେପାରୀଙ୍କ ସଂଖ୍ୟା ମଧ୍ୟ ବୃଦ୍ଧିପାଉଥିବା ଦେଖିବାକୁ ମିଳୁଛି। ଜାତୀୟ ରାଜପଥ, ଜଳେଶ୍ୱର ଷ୍ଟେସନ କଲୋନୀ, ରାଜପୁରର ସାହାଜାନପୁର, ସୁବର୍ଣ୍ଣରେଖା ନଦୀବନ୍ଧର ଗୋପ ଠାରୁ ରାଜପୁର ଯାଏଁ ଥିବା ଅଞ୍ଚଳରେ ଏବେ ବ୍ରାଉନସୁଗର ବେପାର ଚାଲିଛି । ରାତି ହେଲେ ଜଳେଶ୍ୱର ଗ୍ୟାରେଜ ବଜାରକୁ ଲାଗୁଛି ବେପାରୀଙ୍କ ଗାଡି ରାଜ୍ୟର ଓ ରାଜ୍ୟ ବାହାରର ବେପାରୀ ତଥା ସ୍ଥାନୀୟ କିଛି ଯୁବକ ଯେଉଁମାନେ ବ୍ରାଉନସୁଗର ସେବନ କରୁଛନ୍ତି, ସେମାନଙ୍କ ଚରାଭୂଇଁ ପାଲଟିଛି ଏହି ଅଞ୍ଚଳ ଅନ୍ୟ ଏକ ହସ୍ତଗତ ସୂଚନା ଅନୁସାରେ, ଗ୍ୟାରେଜ ବଜାର ଅଞ୍ଚଳର ଜଣେ ବେପାରୀଦୀଘାରୁ ଜଳେଶ୍ୱରକୁ ପ୍ରତି ସପ୍ତାହ ଅଥବା ଦୁଇ ସପ୍ତାହରେ ୧୦ କିଲୋ ଲେଖାଏଁ ବ୍ରାଉନସୁଗର ବାଇକ୍ ଯୋଗେ ଆଣୁଛନ୍ତି । ମୁସିଦାବାଦ ବେପାରୀ ମାନେ ଦୀଘାରେ ରହି ବ୍ରାଉନସୁଗର ବାବଦରେ ଟଙ୍କା ଆଦାୟ କରୁଛନ୍ତି । ମୁର୍ସିଦାବାଦରୁ ଏବେ ଦୁଇ ପ୍ରକାର ବ୍ରାଉନସୁଗର ଆସୁଥିବା ବେଳେ ଏହାର ଦର ହ୍ରାସ ପାଇଛି କଞ୍ଚା ବ୍ରାଉନସୁଗର ମିଳୁଛି ଯାହାକୁ ଶୁଖାଇବା ପରେ ଗୁଣ୍ଡ କରିବାକୁ ପଡ଼ିଥାଏ । ତାହାର ମୂଲ୍ୟ କିଲୋ ପିଛା ୩୦ ରୁ ୩୫ ଲକ୍ଷ ଟଙ୍କା ଥିବାବେଳେ ସେବନ ଉପଯୋଗୀ ବ୍ରାଉନସୁଗରର ମୂଲ୍ୟ କିଲୋ ପିଛା ୪୦ରୁ ୪୫ ଲକ୍ଷ ଟଙ୍କାଜଳେଶ୍ୱରର ବେପାରୀମାନେ ଅନ୍ୟତ୍ର ଚାଲାଣ ସମୟରେ ଏହି ବ୍ରାଉନସୁଗରର ମୂଲ୍ୟ ଦୁଇ ଗୁଣା ନେଉଛନ୍ତି । ଆଉ ଛୋଟ ଛୋଟ ବେପାରୀମାନେ ଗୋଟିଏ ପୁଡ଼ିଆର ଦର ଦୁଇ ଗୁଣ କରି ବିକ୍ରି କରୁଛନ୍ତି ରାଜପୁର, ଶାସନବାଡ଼, ସେକବାଡ, ପଞ୍ଚୁଘଣ୍ଟା, ପଥରପୁରା ଓ ସାହାଜାନପୁର ଆଦି ସ୍ଥାନରେ ୩୦ରୁ ଉର୍ଦ୍ଧ ବେପାରୀ ରହିଛନ୍ତି । ଯେଉଁମାନେ ଏହି ବେପାର କରି କୋଟି କୋଟି ଟଙ୍କାର ମାଲିକ ହୋଇଛନ୍ତି। ଓ ନିଶା ସେବନକାରୀ ମାନେ ରାତି ବଢ଼ିଲେ ଟଙ୍କା ପାଇଁ ଲୁଟ୍ ତରାଜ କରୁଛନ୍ତି। ପୋଲିସ ଯଦି ସହରର ମୁଖ୍ୟ ରାସ୍ତା ଓ କାରବାର ହେଉଥିବା ଅଞ୍ଚଳରେ ସିସିଟିଭି କ୍ୟାମେରା ଲଗାଇବା ସହିତ ପଟ୍ରୋଲିଂଙ୍ଗ ଅଧିକ କଡାକଡି କରନ୍ତା ,ତାହାଲେ ବେପାରୀଙ୍କ ଗତିବିଦ୍ଧି ଉପରେ ତୀକ୍ଷଣ ନଜର ରଖିପାରନ୍ତା । ଓଡ଼ିଶା ଓ ପଶ୍ଚିମବଙ୍ଗରେ ହିଁ ଏମାନେ ନିଜ ପତିଆରା ଜମାଇଛନ୍ତି । ଜଳେଶ୍ୱର ନିଶା କାରବାରର ହବ୍ ପାଲଟିଥିବାରୁ ନୂଆ। ଡିଆଇଜି ଓ ଏସପି ଏଥି ପ୍ରତି ଦୃଷ୍ଟି ଦିଅନ୍ତୁ ବୋଲି ବୁଦ୍ଧିଜୀବୀ ମାନେ ମତ ପ୍ରକାଶ କରିଛନ୍ତି । ଏହି ସମସ୍ୟା ନେଇ ଜଳେଶ୍ୱର ଏସଡିପିଓ ସୁବ୍ରତ କୁମାର ବେହେରାଙ୍କୁ ଯୋଗାଯୋଗ କରିବାରୁ ସେ କହିଥିଲେ ଯେ ବିଭାଗ ପକ୍ଷରୁ ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ। ଠିକ୍ ସେହିପରି ଜଳେଶ୍ୱର ଅବକାରୀ ବିଭାଗର ଅଧିକାରୀ ଚନ୍ଦନ କୁମାର ନାୟକଙ୍କୁ ଯୋଗାଯୋଗ କରିବାରୁ ସେ କହିଲେ ଯେ ତାଙ୍କ ପାଖରେ କର୍ମଚାରୀଙ୍କ ସଂଖ୍ୟା କମ ଥିବାରୁ ବ୍ରାଉନ ସୁଗରର ବେପାରୀଙ୍କୁ ଧରିବାରେ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି ବୋଲି ମତ ପ୍ରକାଶ କରିଛନ୍ତି ।

# ୟୁରିଆ ସାର ଅଭାବରେ ଚାଷୀ ମାନଙ୍କ ମଧ୍ୟରେ ଘୋର ଅସନ୍ତୋଷ

ଗଞ୍ଜାମ,୧୦।୯:(ମନ୍ଥନ) ଗଞ୍ଜାମ ବ୍ଲକରେ ବିଭିନ୍ନ ପଞ୍ଚାୟତ ରେ ୟୁରିଆ। ସାର ଅଭାବ ଯୋଗୁଁ ଚାଷୀ ମାନଙ୍କ ମଧ୍ୟରେ ଘୋର ଅସନ୍ତୋଷ ପ୍ରକାଶ ପାଇଛି । ବିଶେଷକରି ସୁବଳୟା ପଞ୍ଚାୟତର ସମବାୟ ସମିତି ଚାଷୀ ମାନଙ୍କ ମଧ୍ୟରେ ୟୁରିଆ। ସାର ଅଭାବ ପରିଲକ୍ଷିତ ହୋଇଛି । ଧାନ ରୁଆ। ହେବାର ଏକ ମାସ ବିତି ଯାଇଥିଲେ ମଧ ବିଲରେ ୟୁରିଆ। ସାର ପକାଇବା ପାଇଁ ସମବାୟ ସମିତି ପକ୍ଷରୁ ପୂର୍ବ ବର୍ଷ ମାନଙ୍କ ଭଳି ସାର ନ ଯୋଗାଇବା ଫଳରେ ଚାଷୀ ମାନେ ହା ହତାସ ହୋଇ ଚଢ଼ା ଦରରେ କଳା ବଜାରି ମାନଙ୍କ ଠାରୁ କିଣିବା ପାଇଁ ବାଧ୍ୟ ହେଉଛନ୍ତି । ସୁବଳୟା ସମବାୟ ସମିତିର ସଭାପତି ମହେଶ୍ୱର ସ୍ୱାଇଁଙ୍କ ନେତୃତ୍ୱରେ ବିଜୟ କୁମାର ବିଶ୍ୱାଳ,କହ୍ନେଇ ନାୟକ, ନାଏବ ସରପଞ୍ଚ ରାକେଶ ସାହୁ, ରମେଶ ଚନ୍ଦ୍ର ବେହେରା,ରବିନ୍ଦ୍ର କୁମାର ସାହୁ, ଆଦିକନ୍ଦ ବେହେରା ପ୍ରମୁଖ ଙ୍କ ସମେତ ୩୦ ରୁ ଉର୍ଦ୍ଧ ଚାଷୀ ଜିଲ୍ଲାପାଳ ଙ୍କୁ ଭେଟିବାକୁଯାଇ ଜିଲ୍ଲାପାଳ ଙ୍କ ଅନୁପସ୍ଥିତିରେ କାର୍ଯ୍ୟାଳୟରେ ଅଭିଯୋଗ କରିବା ସଂଗେସଂଗେ ଜିଲ୍ଲା ସହକାରୀ କୃଷି ଅଧିକାରୀ ସୌଦାମିନି ପଣ୍ଡା ଙ୍କୁ ସାକ୍ଷାତ କରି ଅଭିଯୋଗ ଜଣାଇଥିଲେ । ଶ୍ରୀମତୀ ପଣ୍ଡା ଏ ବାବଦରେ ବିହିତ ପଦକ୍ଷେପ ଗ୍ରହଣ କରିବେ ବୋଲି ପ୍ରତିଶ୍ରୁତି ଦେଇଥିବା ବିଶେଷ ସୂତ୍ରରୁ ପ୍ରକାଶ । ସେହିପରି କାଇଁଚପୁର ପୁର ପଞ୍ଚାୟତ ଅନ୍ତର୍ଗତ କଲ୍ୟାଣପୁର ପଞ୍ଚାୟତ ଅଧିନସ୍ତ ସମବାୟ ସମିତିରେ ମଧ ୟୁରିଆ। ସାର ଅଭାବ ପରିଲକ୍ଷିତ ହେଇଥିବା ବରିଷ୍ଟ କୃଷକ ନେତା କାନକେୟା ରେଡି ଅଭିଯୋଗ କରିଛନ୍ତି । ତୁରନ୍ତ ଜିଲ୍ଲା ପ୍ରଶାସନ ଓ ବିଭାଗିୟ କର୍ତ୍ତୃପକ୍ଷ ଏ ଦିଗରେ ପଦକ୍ଷେପ ଦେବାକୁ ସେ ଦାବୀ କରିଛନ୍ତି ।

# ବରୋଦା ବ୍ୟାଙ୍କ୍ ପକ୍ଷରୁ ଗ୍ରାମାଞ୍ଚଳ ଜନ ସୁରକ୍ଷା ପରିପୂର୍ଣ୍ଣତା ଶିବିର

କାକଟପୁର,୧୦।୯:(ମନ୍ଥନ)କାକଟପୁର ବ୍ଲକ ଅନ୍ତର୍ଗତ କାଦୁଅ। ନୂଆଗାଁ ଗ୍ରାମପଞ୍ଚାୟତ ଧନିତ୍ରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବରୋଦା ବ୍ୟାଙ୍କ୍ ପକ୍ଷରୁ ଗ୍ରାମାଞ୍ଚଳ ଜନ ସୁରକ୍ଷା ପରିପୂର୍ଣ୍ଣତା ଶିବିର ସୋମବାର ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଛି । ବ୍ୟାଙ୍କ୍ ଅଫ ବରୋଦା ଭୁବନେଶ୍ୱର କ୍ଷେତ୍ର ଓ ଅଞ୍ଚଳ ତତଫରୁ ଏହି ସଚେତନତା ଶିବିର ଆୟୋଜନ କରାଯାଇଥିଲା । ଅତିଥି ଭାବେ ବରୋଦା ବ୍ୟାଙ୍କ୍ ମୂଖ୍ୟ ପରିଚାଳକ ତଥା ମୁଖ୍ୟ ନିର୍ବାହୀ ଅଧିକାରୀ ଦେବଦତ୍ତ ଚନ୍ଦ, କ୍ଷେତ୍ରୀୟ ପ୍ରମୁଖ ସତ୍ୟ ରଞ୍ଜନ ମହାପାତ୍ର, ଅଞ୍ଚଳ ମହାପ୍ରବନ୍ଧକ ସ୍ୱପ୍ନା ବନ୍ଦୋପଧାୟ ଓ ସ୍ଥାନୀୟ ସରପଞ୍ଚ କୃଷ୍ଣ ଚନ୍ଦ୍ର ଜେନା ସାମିଲ ହୋଇ ଆହୁତ ବୈଠକ ରେ ଯୋଗଦେଇ ବ୍ୟାଙ୍କ ରେ ସରକାର ଙ୍କ ବିଭିନ୍ନ ଯୋଜନା ବିଷୟରେ ସମସ୍ତଙ୍କୁ ଅବଗତ କରାଯାଇଥିଲା, ବରୋଦା ବ୍ୟାଙ୍କ୍ ଏକ ଅଗ୍ରଣୀ ରାଷ୍ଟ୍ରାୟତ ବ୍ୟାଙ୍କ ଭାବେ ପରିଗଣିତ ।ଏହାର ଗ୍ରାହକ ସଂଖ୍ୟା ରାଜ୍ୟର ସମସ୍ତ ସହର ଓ ଗ୍ରାମରେ ପରିବ୍ୟାପ୍ତ। ବ୍ୟାଙ୍କ୍ ରେ ଗ୍ରାହକ



ଭାବେ ଥିବା ସମସ୍ତ ଆକାଉଣ୍ଟ ଧାରି ମାନେ ନିଜର ସାମାଜିକ ସୁରକ୍ଷା ପାଇଁ ନିଜ ଖାତା କୁ ପୁନଃ କେଓ୍ୱାଇସି କରିବା, ଡିଜିଟାଲ ଫ୍ରଡ଼ ମାନଙ୍କ ଠାରୁ ଦୂରେଇ ରହିବା, ଜୀବନ ବୀମା ପଲିସି ଗୁଡ଼ିକର ଫାଇଦା ଉଠାଇବା, ଡିବିଟି ସହାୟତା ସରଳ କରିବା, ଜନ ଧନ ଆକାଉଣ୍ଟ ଖୋଲିବା, ସରଳ ଭାବେ ଋଣ ନେବା ଆଦି ଉପରେ ଉପସ୍ଥିତ ଗ୍ରାହକ ମାନଙ୍କୁ ସଚେତନା କରାଯାଇଥିଲା । ଏହି ଶିବିରରେ ୫୦୦ରୁ ଉର୍ଦ୍ଧ୍ୱ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ଓ ଉପଭୋକ୍ତା ମାନେ ଯୋଗ ଦେଇଥିଲେ । ଏହି ଅବସରରେ ସାମାଜିକ ସୁରକ୍ଷାରେ ଲାଭ ପାଇଥିବା ହିତାଧିକାରୀ, ଋଣ ପାଇ ସ୍ୱାବଲମ୍ବୀ ହୋଇଥିବା ମହିଳା ଗ୍ରୁପ ଓ ବ୍ୟକ୍ତି ବିଶେଷଙ୍କୁ ଅର୍ଥ ରାଶିର ଚେକ୍ ପ୍ରଦାନ କରାଯାଇଥିଲା । ଶେଷରେ ସଂସ୍କୃତିକ କାର୍ଯ୍ୟକ୍ରମ ଓଡ଼ିଶୀ ନୃତ୍ୟ ଘୋଡ଼ା ନାଚ ପରିବେଷଣ କରାଯାଇଥିଲା। କାର୍ଯ୍ୟକ୍ରମକୁ ବରିଷ୍ଠ ପ୍ରବନ୍ଧକ ଆରତୀ ସାମନ୍ତରା ସଂଯୋଜନା କରିଥିବା ବେଳେ ବରୋଦା ବ୍ୟାଙ୍କର ବରିଷ୍ଠ ଅଧିକାରୀ ସୌରଭ ମହାପାତ୍ର, ସୌମ୍ୟ ପ୍ରସାଦ ଦାସ, ଅମିତାଭ ସାହାଣୀ, ସତ୍ୟବ୍ରତ ପ୍ରଧାନ ଓ ସ୍ମୃତି ମନୀଷା ଦାଶ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ ।

# ଖୋର୍ଦ୍ଧା ଜିଲ୍ଲା କଂଗ୍ରେସ ସଭାପତି ଦୌଡ଼ରେ ପାଞ୍ଚ ପ୍ରାର୍ଥୀ

ଖୋର୍ଦ୍ଧା,୧୦।୯:(ମନ୍ଥନ)ଓଡ଼ିଶାରେ ତୃଣମୂଳ ସ୍ତରରୁ କଂଗ୍ରେସ ସଙ୍ଗଠନକୁ ମଝବୁତ କରିବା ପାଇଁ ଏଆଇସିସି ସଭାପତି ମଲିକାର୍ଜୁନ ଖଡ଼ଗେଙ୍କ ନିର୍ଦ୍ଦେଶ ରେ ସଙ୍ଗଠନ କୁ ସୃଦୁଢ କରିବାର ଅଭିଯାନ ଆରମ୍ଭ ହୋଇଛି । ଏହି କ୍ରମରେ ଏଆଇସିସି ତରଫରୁ ଖୋର୍ଦ୍ଧା ସାଙ୍ଗଠନିକ ଜିଲ୍ଲା ପାଇଁ ଗୁଜୁରାଟର ପୂର୍ବତନ ମନ୍ତ୍ରୀ ତଥା କଂଗ୍ରେସର ବରିଷ୍ଠ ନେତା ବିମଲ ଶାହାଙ୍କୁ ଜିଲ୍ଲା ସଭାପତି ଚୟନ ପ୍ରକ୍ରିୟା ନିମନ୍ତେ ପର୍ଯ୍ୟବେକ୍ଷକ ଭାବେ ନିଯୁକ୍ତ କରାଯାଇଛି । ଶ୍ରୀ ଶାହା ଗତ ୨ ତାରିଖରୁ ୭ ତାରିଖ ପର୍ଯ୍ୟନ୍ତ ଖୋର୍ଦ୍ଧା ସାଙ୍ଗଠନିକ ଜିଲ୍ଲା ଅନ୍ତର୍ଗତ ୫ ଟି ବିଧାନସଭାର ୧୧ ଟି ବ୍ଲକ ଗ୍ରସ୍ତକରି ବୁଥ ସ୍ତରୀୟ କାର୍ଯ୍ୟକର୍ତ୍ତା ଙ୍କ ମତାମତ ସଂଗ୍ରହ କରିଛନ୍ତି । ବିଶେଷ ସୂତ୍ରରୁ ପ୍ରକାଶ ଯେ , ଖୋର୍ଦ୍ଧା ଜିଲ୍ଲା ସଭାପତି ଦୌଡରେ, ଜିଲ୍ଲା ସଂଯୋଜକ ରାଜୀବ ପଟ୍ଟନାୟକ, ବିଧାୟିକା ପ୍ରାର୍ଥୀନୀ ତଥା ରାଜ୍ୟ ମୁଖପାତ୍ର ସୋନାଲି ସାହୁ, ପୂର୍ବତନ ଜିଲ୍ଲା ସଭାପତି ଜାନକୀ ପଟ୍ଟନାୟକ,ରସିକ ପଟ୍ଟନାୟକ ଓ ଜୟଶ୍ରୀ ପଟ୍ଟନାୟକ ଦୌଡରେ ଥିବାର ଆଲୋଚନା ହେଉଛି କ୍ଷରାହୁଲ ଗାନ୍ଧୀ ସାରା ଭାରତରେ ସାମାଜିକ ନ୍ୟାୟ ଆନ୍ଦୋଳନ ଜାରି ରଖିବା ସହିତ ଜାତି ଜନ ଗଣନାକୁ ପ୍ରାଧାନ୍ୟ ଦେଇ ଆସୁଛନ୍ତି । ଯାହାର ସଂଖ୍ୟା ଯେତେ , ତାର ଭାଗ ସେତେ ସ୍ଲୋଗାନ ଦେଇ ଆସୁଥିଲେ ମଧ୍ୟ ଖୋର୍ଦ୍ଧା ଜିଲ୍ଲା ପାଇଁ କେବଳ ସୋନାଲି ସାହୁ ପଛୁଆ। ବର୍ଗର ହୋଇଥିବା ବେଳେ, ଦଳିତ ଓ ଆଦିବାସୀଙ୍କ ଭିତରୁ ଗୋଟିଏ ବି ନାମ ଜିଲ୍ଲା ସଭାପତି ପାଇଁ ନ ଆସିବା ଚିନ୍ତା ଜନକ । ରାହୁଲ ଗାନ୍ଧୀ ଙ୍କ ସାମାଜିକ ନ୍ୟାୟ ଆନ୍ଦୋଳନ ଆଧାରରେ ଶ୍ରୀମତୀ ସାହୁ , ଜଣେ ମହିଳା ତଥା ସ୍ମାର୍ଟ ହୋଇଥିବା କାରଣରୁ ତାଙ୍କ ପଲ୍ଲା ଭାରି ଥିବା ଜଣା ପଡୁଛି । ଦେଖାଯାଉ ଏଆଇସିସି କାହା କାନ୍ଧରେ ଖୋର୍ଦ୍ଧା ଦାୟିତ୍ୱ ଦେଉଛି ।



'ମିଶୁ ମୋର ଦେହ ଏ ଦେଶ ମାଟିରେ,
ଦେଶବାସୀ ଚାଲି ଯାଆନ୍ତୁ ପିଠିରେ ।
ଦେଶର-ସ୍ୱରାଜ୍ୟ ପଥେ ଯେତେ ଗାଡ଼
ପୂରୁ ତହିଁ ପଡ଼ି ମୋର ମାଂସ ହାଡ଼ ।

## ଗୀତାଜ୍ଞାନ

ସର୍ବଭୂତସ୍ଥିତଂ ଯୋ ମାଂ ଭଜତ୍ୟେକତ୍ୱମାସ୍ଥିତଃ ।
ସର୍ବଥା ବର୍ତ୍ତମାନୋଽପି ସ ଯୋଗୀ ମୟି ବର୍ତ୍ତତେ ।।
ଅର୍ଥ: ଯେଉଁ ପୁରୁଷ ଏକୀଭାବରେ ସ୍ଥିତ ହୋଇ ସମସ୍ତ ପ୍ରାଣୀଙ୍କ ଠାରେ ଆତ୍ମରୂପରେ ସ୍ଥିତ ମୋତେ (ସଚ୍ଚିଦାନନ୍ଦଘନ ବାସୁଦେବଙ୍କୁ) ଭଜନ୍ତି, ସେହି ଯୋଗୀ ସକଳପ୍ରକାରେ କ୍ରିୟାକଳାପ କରୁଥିଲେ ମଧ୍ୟ ମୋ ସହିତ ହିଁ ସକଳ କ୍ରିୟା କରୁଥାନ୍ତି । ।।

# ସମ୍ପାଦକୀୟ

## ଟିକସ ଅର୍ଥ

ନିର୍ବାଚନରେ ଭୋଟରଙ୍କୁ ପ୍ରଲୋଭିତ କରିବା ନିମନ୍ତେ ସବୁ ରାଜନୈତିକ ଦଳ ପରସ୍ପର ସହ ପ୍ରତିଯୋଗିତା କରୁଛନ୍ତି। ସମସ୍ତେ ନିର୍ଦ୍ଦିଷ୍ଟ ଗୋଷ୍ଠୀଙ୍କୁ ପ୍ରଲୋଭିତ କରିବା ନିମନ୍ତେ ପ୍ରୟାସ କରୁଛନ୍ତି। ବିଶେଷ କରି ମହିଳା ଭୋଟରମାନଙ୍କୁ ପ୍ରଭାିତ କରିବା ନିମନ୍ତେ ସବୁ ଦଳ ବରାବର ପ୍ରୟାସ କରି ଆସୁଛନ୍ତି। ନିର୍ବାଚନ ବେଳେ ରାଜନୈତିକ ଦଳମାନଙ୍କ ପକ୍ଷରୁ ଛାତ୍ରୀମାନଙ୍କୁ ମାଗଣା ସ୍କୁଟି, ମହିଳାଙ୍କୁ ମାଗଣାରେ ସୁନା ଚେନ ଏବଂ ଆହୁରରି ଅନେକ କିଛି ମାଗଣାରେ ଦେବାକୁ ପ୍ରତିଶ୍ରୁତି ଦେଉଛନ୍ତି। ସେମାନେ ମଧ୍ୟ କେତେକାଂଶରେ ଏଥିରେ ପ୍ରଭାବିତ ହେଉଛନ୍ତି। ମାଗଣା ବଣ୍ଟନରେ ସବୁଠୁ ଆଗରେ ରହିଛି ଆମ ଆଦମୀ ପାର୍ଟି। ଗତ ୧୦ ବର୍ଷ ଭିତରେ ଦିଲ୍ଲୀର ଆପ ସରକାର ମାଗଣା ବିଜୁଳି, ପାଣିଠାରୁ ଆରମ୍ଭ କରି ଅନେକ କିଛି ଦେଇଛନ୍ତି। କିନ୍ତୁ ଏହା ଦ୍ୱାରା ନା ଦାରୀଦ୍ର୍ୟ ଦୂର ହୋଇଛି ନା ମହିଳା ବା ଗରିବଙ୍କ ସ୍ଥିତିରେ ବିଶେଷ ଉନ୍ନତି ଆସିଛି। କେନ୍ଦ୍ର ସରକାର ମଧ୍ୟ ଗରିବଙ୍କୁ ମାଗଣା ରାସନଠାରୁ ଆାରମ୍ଭ କରି ଆବାସ ଏବଂ କୃଷକଙ୍କୁ ଟଙ୍କା ଦେଉଛନ୍ତି। ସରକାରଙ୍କର କହିବା କଥା ହେଲା ଭାରତରେ ଗଣତାନ୍ତ୍ରିକ ଉପାୟରେ ନିର୍ବାଚିତ ସରକାର ଏକ କଲ୍ୟାଣକାରୀ ସରକାର। ସରକାର ଦେଶର, ଲୋକଙ୍କର କଲ୍ୟାଣ କରିବାକୁ ଆସିଛନ୍ତି, ବ୍ୟବସାୟ କରିବାକୁ ନୁହେଁ। ଲୋକଙ୍କ କଲ୍ୟାଣ କରିବା ବେଳେ ଲାଭ କ୍ଷତି ଦେଖାଯାଏନି। ସେ କଥା ଠିକ। କିନ୍ତୁ କଲ୍ୟାଣ ଅର୍ଥ ମାଗଣା ବାଣ୍ଟିବା ନୁହେଁ। ଏହା ଏକ ଦୁର୍ନୀତି, ଗରିବଙ୍କ ଟିକସ ଅର୍ଥର ଦୁରୂପଯୋଗ। ଲୋକ କଲ୍ୟାଣ ଅର୍ଥ ଲୋକଙ୍କୁ ଉତ୍ତମ ସ୍ୱାସ୍ଥ୍ୟ, ଶିକ୍ଷା ଏବଂ ଭିତ୍ତିଭୂମି ସୁବିଧା ଯୋଗାଇ ଦେବା। ବସରେ ମହିଳାମାନେ ମାଗଣାରେ ଯାତ୍ରା କରିବେ, ଅନ୍ୟମାନେ ଏଥିପାଇଁ ଭଡ଼ା ଦେବେ ଏହା ଜନକଲ୍ୟାଣ ନୁହେଁ। ନିକଟରେ ଅନୁଷ୍ଠିତ ଦିଲ୍ଲୀ ବିଧାନସଭା ନିର୍ବାଚନରେ ସବୁ ରାଜନୈତିକ ଦଳ ଏଭଳି ଅନେକ କିଛି ମାଗଣା ଦେବକୁ ନିଜ ନିଜ ସଙ୍କଳ୍ପ ପତ୍ରରେ ପ୍ରତିଶ୍ରୁତି ଦେଇଥିଲେ। ବିଜେପି କ୍ଷମତାକୁ ଆସିଲେ ଦିଲ୍ଲୀରେ ମହିଳାଙ୍କୁ ମାସିକ ୨୫୦୦ ଟଙ୍କା, ଆପ ମାସିକ ୨୧୦୦ ଟଙ୍କା ଦେବ ବୋଲି ପ୍ରତିଶ୍ରୁତି ଦେଇଥିଲା। ଓଡ଼ିଶାରେ ମହିଳାମାନଙ୍କୁ ସୁଭଦ୍ରା ଯୋଜନାରେ ବାର୍ଷିକ ୧୦ ହଜାର ଟଙ୍କା ଦିଆଯାଉଛି। ଏହି ଟଙ୍କା ରାଜକୋଷରୁ ବ୍ୟୟ ହେଉଛି। ଲୋକଙ୍କ ଟିକସ ଅର୍ଥକୁ ସରକାର ଏଭଳି ଭାବେ ଅକାତରରେ ଦାନ କରୁଛନ୍ତି। ସବୁ ରାଜ୍ୟରେ ସବୁ ଦଳର ସରକାର ଏହା କରୁଛନ୍ତି। ଏଥିନେଇ ସୁପ୍ରିମକୋର୍ଟ କ୍ଷୋଭ ପ୍ରକାଶ କରିବା ସହିତ ଏଭଳି ମାଗଣା ଯୋଜନା ଦ୍ୱାରା ସମାଜରେ ଏକ ପ୍ରକାର ପରଜୀବୀ ଶ୍ରେଣୀ ସୃଷ୍ଟି କରାଯାଉଥିବା ମନ୍ତବ୍ୟ ଦେଇଛନ୍ତି। ମାଗଣା ରାସନ ଏବଂ ଅନ୍ୟାନ୍ୟ ମାଗଣା ସାମଗ୍ରୀ ତଥା ସେବା ପାଇବା ହେତୁ ଅନେକ ଲୋକ ଆଉ କାମ କରିବାକୁ ବା କଠିନ ପରିଶ୍ରମ କରିବାକୁ ଇଚ୍ଛା ବ୍ୟକ୍ତ କରୁ ନାହାଁନ୍ତି। ଲୋକଙ୍କ ସର୍ବନିମ୍ନ ଆବଶ୍ୟକତା ପୂରଣ ହୋଇଗଲେ ସେମାନେ କାହିଁକି ପରିଶ୍ରମ କରିବେ? ଅନେକ ଲୋକ ନିର୍ବାଚନ ବେଳେ ବିଭିନ୍ନ ରାଜନୈତିକ ଦଳଠାରୁ ଏହା ହିଁ ଆଶା କରୁଛନ୍ତି। ସମସ୍ତେ ତତ୍କାଳ ଲାଭ ଚାହୁଁଛନ୍ତି। ସମସ୍ତେ ବ୍ୟକ୍ତିଗତ ଫାଇଦା କଥା ଚିନ୍ତା କରୁଛନ୍ତି। ଦେଶର ବା ରାଜ୍ୟର ସାମୁହିକ କଲ୍ୟାଣ କଥା ଚିନ୍ତା କରୁ ନାହାଁନ୍ତି। ଜଣେ ଚାଷୀ କୃଷି କାର୍ଯ୍ୟ ନିମନ୍ତେ ଋଣ ନେଇ ଏହାକୁ ଅନ୍ୟତ୍ର ବିନିଯୋଗ କରୁଛି। କିନ୍ତୁ ସବୁ ବେଳେ ଆଶା କରୁଛନ୍ତି ସରକାର କେମିତି ଋଣ ଛାଡ଼ କରିଦିଅନ୍ତେ। ଋଣ ନେଇ ଏହାକୁ ପରିଶୋଧ ନକରିବାର ମାନସିକତା ଏବେ ଆମ ସମାଜରେ ବଢ଼ି ଚାଲିଛି। ଏହା ଗ୍ରହଣଯୋଗ୍ୟ ନୁହେଁ। ଋଣ ଛାଡ଼ କଥା ଛାଡ଼, ଋଣ ଉପରେ ସୁଧ ଛାଡ଼ କରାଯିବା ମଧ୍ୟ ଅନୁଚିତ। ସୁଧ ହାର କମାଯାଇପାରେ, ପରିଶୋଧର ସମୟସୀମା ବଢ଼ାଯାଇପାରେ। ୟୁପିଏ ସରକାର ୬୦ ହଜାର କୋଟି ଟଙ୍କାର କୃଷି ଋଣ ଛାଡ଼ କରିଥିଲେ। ଏହାର ଫାଇଦା ବାସ୍ତବରେ ଗରିବ କୃଷକଙ୍କୁ ମିଳିଲା ନାହିଁ। ରାଜକୋଷରୁ ଗରିବଙ୍କ ଟିକସ ଅର୍ଥକୁ ପାଣିରେ ଫିଙ୍ଗି ଦିଆଗଲା। ମୋ ଝାଳବୁହା ଧନରୁ ଯେଉଁ ଟିକସ ମୁଁ ଦେଉଛି, ତାହାକୁ ଆଉ କେହି ଲୁଟ କରିବେ ଏହା ବରଦାସ୍ତ କରାଯାଇପାରିବନି। ସରକାରଙ୍କର ଏଥିଲାଗି ଅଧିକାର ନାହିଁ। ମୋ ଟିକସ ଅର୍ଥରେ ସରକାର ମାଗଣାରରେ ସ୍କୁଟି, ମହିଳାଙ୍କୁ ଟଙ୍କା ବାଣ୍ଟି ପାରିବେନି। ତେଣୁ ଏହି ପ୍ରସଙ୍ଗରେ ସୁପ୍ରିମକୋର୍ଟଙ୍କ କ୍ଷୋଭ ଏବଂ ମନ୍ତବ୍ୟ ଯଥାର୍ଥ। ଏହାକୁ ସବୁ ଦଳ ଗମ୍ଭୀରତାର ସହ ବିଚାର କରିବା ଉଚିତ। ସଂସଦରେ ଏହା ଉପରେ ଆଲୋଚନା କରାଯାଇ ଏକ ସର୍ବସମ୍ମତ ନିଷ୍ପତ୍ତି ନିଆଯିବା ଉଚିତ। ମାଗଣା ବାଣ୍ଟିବା ଧାରା ବନ୍ଦ ହେଉ। ସଂକୀର୍ଣ୍ଣ ଭୋଟ ରାଜନୀତି ପାଇଁ ରାଜନୈତିକ ଦଳମାନେ ଦେଶର ଅର୍ଥନୀତିକୁ ବିପର୍ଯ୍ୟୟ ମଧ୍ୟକୁ ଠେଲି ଦିଅନ୍ତୁ ନାହିଁ।

# ଡିଜିଟାଲ ହେବ ଜାତି ଜନଗଣନା

**ଗୋପାଳ ମହାପାତ୍ର**

ବିଶ୍ୱର ସର୍ବାଧିକ ଜନସଂଖ୍ୟା ବିଶିଷ୍ଟ ଦେଶ ଭାରତରେ ଏବେ ଜନଗଣନା ...ନା ଜାରି କରାଯାଇଛି। ଏହି ଜନଗଣନା ୨୦୨୧ରେ ହେବାକୁ ...ରୋନା ମହାମାରୀ କାରଣରୁ ସ୍ଥଗିତ ରହିଥିଲା। କଂଗ୍ରେସ ସମେତ ସବୁ ବିରୋଧି ଦଳମାନେ ଜାତିଗତ ଜନଗଣନା ପାଇଁ ଦାବି କରୁଥିଲେ। ପରିଶେଷରେ ମୋଦୀ ସରକାର ମଧ୍ୟ ଜାତିଗତ ଜନଗଣନା ପାଇଁ ନିଷ୍ପତ୍ତି ନେଲେ। ଫଳତଃ ଜାତିଗତ ଜନଗଣନାକୁ ନେଇ ଯେଉଁ ରାଜନୀତି ଚାଲିଥିଲା ତାହା ସମାପ୍ତ ହୋଇଛି। ସବୁ ବର୍ଗର ପ୍ରମୁଖ ଜାତିମାନଙ୍କ ସହ ଉପଜାତି ବାବଦରେ ଗଣନା ବେଳେ ଜଣାପଡିବ। ସେତେବେଳେ ଜାତିଗତ ଜନଗଣନା ଠିକ କି ନୁହେଁ ବୋଲି କୁହାଯାଇପାରିବ। ଇ-ବଜାର, ଇ-ଆବେଦନ, ଇ-ରେଳ ଓ ଇ-ନେଣଦେଣ ପରେ ଏବେ ଇ- ଜନଗଣନା ଅର୍ଥାତ୍ ଡିଜିଟାଲ ଗଣତି ହେବ। ଏହି ଗଣନାରେ ଜାତିର ଗଣତି ମଧ୍ୟ ହେବ। ଡିଜିଟାଲ ଜନଗଣନାରେ ଜନ୍ମ ଓ ମୃତ୍ୟୁ ବାବଦରେ ତଥ୍ୟ ମଧ୍ୟ ରହିବ। ଏଣୁ ପ୍ରତି ଜନ୍ମ ପରେ ଡିଜିଟାଲ ଜନଗଣନା ମନକୁ ମନ ହୋଇଯିବ ଏବଂ ମୃତ୍ୟୁ ପରେ ଡିଜିଟାଲ ଡାଟାରୁ ମୃତକଙ୍କ ନାମ ମନକୁ ମନ କଟିଯିବ। ଜନଗଣନା ରେଜିଷ୍ଟରରେ ପିଲା/ଶିଶୁର ଜନ୍ମ, ମାତା/ପିତା, ଜାତି ଏବଂ ଜନ୍ମ ସ୍ଥାନ ସମେତ ୧୬ଟି ଭାଷାରେ ୩୬ଟି ପ୍ରଶ୍ନର ଉତ୍ତର ମଧ୍ୟ ଦରଜ ହୋଇଯିବ। ଶିଶୁ/ପିଲାକୁ ୧୮ବର୍ଷ ହେଲେ ଭୋଟର ତାଲିକାରେ ତାର ନାମ ପିକୃତ କରିବା ପାଇଁ ମଧ୍ୟ ଡିଜିଟାଲ ମାଧ୍ୟମରେ ନିର୍ବାଚନ କମିଶନଙ୍କ ପାଖକୁ ଚାଲିଯିବ। ଫଳତଃ ତାକୁ ଭୋଟର ପରିଚୟପତ୍ର ମିଳିଯିବ ଏବଂ ଭୋଟର ତାଲିକାରେ ସ୍ୱତଃପୁର୍ତ୍ତ ଭାବେ ତାର ନାମ ଯୋଡି ହୋଇଯିବ। ଯେତେବେଳେ କୌଣସି ଭୋଟରର ମୃତ୍ୟୁ ହୋଇଯିବ ସେତେବେଳେ ଭୋଟର ତାଲିକାରୁ ତାର ନାମ ମନକୁ ମନ କଟିଯିବ। ଏହିପରି ଜନଗଣନାର ତଥ୍ୟ ବା ଡ଼ାଟା ସବୁବେଳେ ଅପଟୁଡେଟ ରହିବ।

ଏହି ଡିଜିଟାଲ ଜନଗଣନା (ରାଷ୍ଟ୍ରୀୟ ଜନସଂଖ୍ୟା ରେଜିଷ୍ଟାର) ପ୍ରକ୍ରିୟାରେ ପାଖାପାଖି ୧୨ ହଜାର କୋଟି ଟଙ୍କା ବ୍ୟୟ ହେବ। ଡିଜିଟାଲ ଜନଗଣନା ଦେଶରେ କରାଯିବ ବୋଲି ୨୦୨୧ ମସିହା ଫେବୃୟାରୀ ମାସ ୧ ତାରିଖରେ କେନ୍ଦ୍ର ସରକାରଙ୍କ ପକ୍ଷରୁ ଘୋଷଣା କରାଯାଇଥିଲା। ସେତେବେଳେ ମଧ୍ୟ ବର୍ତ୍ତମାନର ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଅର୍ଥବନ୍ତ୍ରୀ ଥିଲେ ଓ ସେ ଡିଜିଟାଲ ଜନଗଣନା କରାଯିବ ବୋଲି ଘୋଷଣା କରିଥିଲେ। ଡିଜିଟାଲ ଜନଗଣନାରେ ନାଗରିକମାନେ ସାମିଲହେବା ପାଇଁ ଏକ ଉତ୍ତମ ଅନଲାଇନ୍ ସୁବିଧା ପାଇ ପାରିବେ। କେନ୍ଦ୍ର ସ୍ୱରାଷ୍ଟ୍ର ମନ୍ତ୍ରାଳୟ ପକ୍ଷରୁ ଭାରତୀୟ ନାଗରିକ ମାନଙ୍କୁ ଅନଲାଇଡ୍ ସ୍ୱ-ଗଣନାର ଅଧିକାର ଦେବା ପାଇଁ ପୁର୍ବର ନିୟମରେ ପରିବର୍ତ୍ତନ କରାଯାଇଛି। ଜନଗଣନା (ସଂଶୋଧନ) ୨୦୨୨ ଅନୁସାରେ ପରମ୍ପରାଗତ ପ୍ରକ୍ରିୟାରେ ସରକାରୀ କର୍ମଚାରୀମାନେ ଘରକୁ ଯାଇ ଜନଗଣନା କରିବେ କିନ୍ତୁ ଏବେ ନାଗରିକ ସ୍ୱ-ଗଣନା ମଧ୍ୟମରେ ମଧ୍ୟ ଅନୁସୂଚୀ ପ୍ରାରୁପ (ଜନଗଣନା ଆବେଦନପତ୍ର) ପୁରଣ କରିପାରିବେ। ଏଇଥିପାଇଁ ସଂଶୋଧନ କରାଯାଇ ପୂର୍ବ ନିୟମରେ ଇଲେକ୍ଟ୍ରୋନିକ ଫର୍ମ ଶବ୍ଦ ଯୋଡ଼ାଯାଇଛି। ଏ ସମ୍ପର୍କରେ ସୂଚନା ଏବଂ ପ୍ରାଦ୍ୟୋଗୀକି ଆଇନ୍ ୨୦୦୦ର ଧାରା ୨ର ଉପଧାରା (୧)ର ଖଣ୍ଡ 'ଆର'ରେ କୁହାଯାଇଛି। ଏହି ଆଇନ୍ ଅନୁସାରେ ଗଣମାଧ୍ୟମ, ମ୍ୟାଗ୍ନେଟିକ, କମ୍ପ୍ୟୁଟର ଜନିତ ମାଇକ୍ରୋଚିପ ବା ଏହିଭଳି ଅନ୍ୟ ଉପକରଣରେ ପ୍ରସ୍ତୁତ କରି ପଠାଯିବା ଅଥବା ସଂଗୃହୀତ ହୋଇଥିବା ତଥ୍ୟକୁ ଇଲେକ୍ଟ୍ରୋନିକ ଫର୍ମରେ ଦିଆଯାଇଥିବା ସୂଚନା ବୋଲି ଗ୍ରହଣ କରାଯିବ। ଏପରିକି ନାଗରିକ ଏଣ୍ଡ୍ରଏଡ଼ ମୋବାଇଲ ଫୋନ ମାଧ୍ୟମରେ ନିଜ ସମ୍ପର୍କରେ ସମସ୍ତ ତଥ୍ୟ ଜନଗଣନା ଫର୍ମରେ ପୁରଣ କରିପାରିବେ। ଏହି ଅନ୍‌ଲାଇନ ଆବେଦନ ପାଇଁ ଅନୁମତି ଦିଆଯାଇଥିଲେ ମଧ୍ୟ ସରକାରୀ କର୍ମଚାରୀ ଘରକୁ ଘର ବୁଲି ଜନଗଣନା କରିବେ। ଗଣନାର ଏହି ବିକେନ୍ଦ୍ରୀକରଣ କାରଣରୁ ପ୍ରତି ୧୦ ବର୍ଷପରେ ଜନଗଣନା ପାଇଁ ଯେଉଁ ପରମ୍ପରା ଥିଲା ତାର ସମାପ୍ତି ଘଟିବ। ଅନ୍ୟପକ୍ଷରେ ପ୍ରତିମାସରେ ଦେଶର ସବୁ ପଞ୍ଚାୟତ ସ୍ତରରୁ ଜନ୍ମ-ମୃତ୍ୟୁ ସମ୍ପର୍କୀତ ତଥ୍ୟ ସଠିକ୍ ମିଳିଯିବ।

ଜନଗଣନାର ନିରନ୍ତରତା ଜରୁରୀ। ଭାରତରେ ତଥା ବିଶ୍ୱ ସ୍ତରରେ ଜନସଂଖ୍ୟା ବୃଦ୍ଧି ଏକ ବିସ୍ଫୋଟକ ସ୍ତରକୁ ଆସିଯାଇଛି। ଜାତିସଂଘର ତଥ୍ୟ ଅନୁସାରେ ସାରା ବିଶ୍ୱର ଜନସଂଖ୍ୟା ୭୦୦କୋଟିରୁ ଅଧିକ ହେଲାଣି। ଉନବିଂଶ ଶତାବ୍ଦିରେ ଦୃତଗତିରେ ଜନସଂଖ୍ୟା ବୃଦ୍ଧି ହୋଇଛି। ତଥ୍ୟ ଅନୁସାରେ ଅଷ୍ଟାଦଶ ଶତାବ୍ଦି ଶେଷ ବେଳକୁ ବିଶ୍ୱର ଜନସଂଖ୍ୟା ଏକ ଅରବରୁ କମ୍ ଥିଲା। ପ୍ରତି ୧୦ ବର୍ଷରେ କରାଯାଉଥିବା ଜନଗଣନା ପାଇଁ ପାଖାପାଖି ୩୪ଲକ୍ଷ କର୍ମଚାରୀଙ୍କୁ ଏହି ଦାୟିତ୍ୱ ଦିଆଯାଉଥିଲା। ଗାଁ ଠାରୁ ସହର ପର୍ଯ୍ୟନ୍ତରେ ଘର ଘର ବୁଲି ଜନଗଣନା କରିବା ଏମାନଙ୍କ ପାଇଁ ମଧ୍ୟ କଷ୍ଟକର ହେଉଥିଲା। କିନ୍ତୁ ଏବେ ସ୍ୱ-ଆବେଦନ ପାଇଁ ସରକାରଙ୍କ ଘୋଷଣା ପରେ ଅନେକ ନାଗରିକ ଘରେ ବସି ମଧ୍ୟ ଅନଲାଇନ୍‌ରେ ନିଜର ଏଣ୍ଡ୍ରଏଡ୍ ଫୋନ ମାଧ୍ୟମରେ ଜନଗଣନା ପ୍ରକ୍ରିୟାରେ ସାମିଲ ହୋଇପାରିବେ। ସର୍ବୋପରି ଡିଜିଟାଲ କରାଯାଉଥିବା କାରଣରୁ ଜନସଂଖ୍ୟା ବାବଦରେ ସଠିକ୍ ତଥ୍ୟ ପାଇଁ ଆଉ ୧୦ ବର୍ଷ ଅପେକ୍ଷା କରିବାକୁ ପଡିବ ନାହିଁ। ଅପଡେଟ ସୂଚନା ସବୁବେଳେ ଅନ୍‌ଲାଇନ୍‌ରେ ଉପଲବ୍ଧ ହେବ।

ରାମଚନ୍ଦ୍ରପୁର, ରଣପୁର
ମୋ: ୯୪୩୮୪୮୫୦୯୪

# ମହିଳାଙ୍କ ହାଇପୋଥାଇରୋଏଡ଼ିଜିମ୍

**ଡାକ୍ତର କାନ୍ତୀ ନାୟକ ■**

ହାଇପୋଥାଇରୋଏଡ଼ିଜିମ୍ ଏକ ମାରାତ୍ମକ ସମସ୍ୟା । ଏହା ଗଳଗ୍ରନ୍ଥି ବା ଥାଇରୋଏଡ୍ ହର୍ମୋନ୍ କ୍ଷରଣ କରିବାରେ ବାଧା ସୃଷ୍ଟି କରେ । ଗଳଗ୍ରନ୍ଥି କୋଷର ହର୍ମୋନ କ୍ଷରଣ କରିବାର କ୍ଷମତା ବି ହ୍ରାସ ପାଏ । ଥାଇରୋଏଡ୍ ହର୍ମୋନ ଟ୍ରାଇଓଡ୍‌ଥାଇରୋମାଇନ୍ (ଟି୩) ଏବଂ ଥାଇରୋକ୍ସିନ୍ (ଟି୪) କ୍ଷରଣ କମିଗଲେ ଏହା ପୂରା ଶରୀରକୁ ପ୍ରଭାବିତ କରେ । ଶରୀରିକ ଅଭିବୃଦ୍ଧିରେ ସଂକଟ ସୃଷ୍ଟିକରେ ।

ଗଳଗ୍ରନ୍ଥିରେ ସମସ୍ୟା ଦେଖାଦେଲେ ସ୍ୱର କର୍କଶ ହୋଇଆସେ । କେଶ ଝଡ଼ିଯାଏ ଓ ଦୁର୍ବଳତା ଦେଖାଯାଏ । ଆଖି ଓ ମୁହଁ ଫୁଲିଯାଏ । ଅନେକ ବ୍ୟକ୍ତି ଏହା ଚାପ ଯୋଗୁଁ ହେଉଛି ବୋଲି ଭାବନ୍ତି, କିନ୍ତୁ ଏହା ଠିକ୍ ନୁହେଁ । ଏହାକୁ ଅଣଦେଖା କଲେ ହୃଦ୍‌ରୋଗ, ଗର୍ଭଧାରଣରେ ଅକ୍ଷମତା ପ୍ରକାଶ ପାଏ । ଶହେ ଜଣ ବିଷାଦ ଗ୍ରସ୍ତ ବ୍ୟକ୍ତିମାନଙ୍କ ମଧ୍ୟରୁ ୧୪ଜଣ ଗଳଗ୍ରନ୍ଥି ସମସ୍ୟାରେ ପୀଡ଼ିତ ଥିବାର ଜଣାପଡ଼ିଛି ।

ଥାଇରୋଏଡ୍ ଷ୍ଟିମୁଲେଟିଙ୍ଗ୍ ହର୍ମୋନ୍ (ଟିଏସ୍‌ଏଚ୍) ଟି୩ ଓ ଟି୪ ହର୍ମୋନକୁ ନିୟନ୍ତ୍ରଣ କରେ । ଥାଇରୋଏଡ୍ ହର୍ମୋନ୍ ଟି୩ ଓ ଟି୪ କ୍ଷରଣ କମ୍ ବେଶୀ ହେବା ଟିଏସ୍‌ଏଚ୍ ସ୍ତର ସାଧାରଣ ରହିଲେ ଟି୩ ଓ ଟି୪ ହର୍ମୋନ କ୍ଷରଣ କମିଗଲେ ଟିଏସ୍‌ଏଚ୍ ସ୍ତର ରକ୍ତରେ ବଢ଼ିଯାଏ । ପିଟ୍ୟୁଟାରୀ ଗ୍ଲାଣ୍ଡ ଦ୍ୱାରା ଟିଏସ୍‌ଏଚ୍ କ୍ଷରଣ ହୋଇଥାଏ । ଏହି ଗ୍ଲାଣ୍ଡ କମ୍ ପରିମାଣର ଟିଏସ୍‌ଏଚ୍ କ୍ଷରଣ କରିବା ଦ୍ୱାରା ହୋଇପୋଥାଏରୋଡ଼ିଜିମ୍ ଦେଖାଦିଏ । ଅନ୍ୟପକ୍ଷରେ ପୁଟ୍ୟୁଟାରୀ ଗ୍ଲାଣ୍ଡକୁ ନିୟନ୍ତ୍ରଣ କରୁଥିବା ହାଇପୋଥାଲାମସ୍ ଅକାମୀ ହୋଇଗଲେ ଟିଏସ୍‌ଏଚ୍ ପ୍ରଡ଼କ୍ସନ କମିଯାଏ । ଏହା ବି ହୋଇପୋଥାଏରୋଡ଼ିଜିମ୍‌ର ଆଉ ଏକ କାରଣ । ହାଇପୋଥାଲାମସ୍ ଦ୍ୱାରା କ୍ଷରଣ ହେଉଥିବା ଥାଇରେଟ୍ରୋପିନ୍ ହର୍ମୋନ୍ ପିଟ୍ୟୁଟାରୀ ଗ୍ଲାଣ୍ଡକୁ ନିୟନ୍ତ୍ରଣ କରିଥାଏ ।

ହାଇପୋଥାଇରୋଏଡ଼ିଜିମ୍ ମହିଳାମାନଙ୍କର ବେଶୀ କ୍ଷତିକରେ । ଥାଏରୋଏଡ୍ ହର୍ମୋନ୍ ସ୍ତର କମ୍ ରହିବା କାରଣରୁ ମହିଳା ମାନଙ୍କର ଗର୍ଭଧାରଣ କ୍ଷମତା କମିଯାଏ । ଏହା ଶରୀରରେ ପ୍ରୋଲାକ୍ଟିନ୍ ସ୍ତର ବୃଦ୍ଧିକରେ କିମ୍ବା ସିଧାସଳଖ ଡିମ୍ବାଣୁ ଉପରେ ପ୍ରଭାବ ପକାଏ । ପ୍ରୋଲାକ୍ଟିନ୍ ସ୍ତର ବୃଦ୍ଧିହେଲେ ଏହା ଡିମ୍ବାଣୁ ସୃଷ୍ଟିରେ ବାଧା ଆଣେ ଓ ଋତୁସ୍ରାବର ସମୟକୁ ଏପାଖ ସେପାଖ କରିଦିଏ । ପଲିଷ୍ଟିକ୍ ଓଭାରିଆନ୍ ସିନ୍‌ଡ୍ରମ ଓ ମେଦ ବହୁଳତା ମଧ୍ୟ ମହିଳା ମାନଙ୍କ ଠାରେ ପ୍ରକାଶ ପାଏ । ହାଇପୋଥାଇରୋ ଏଡ଼ିଜିମ୍‌ରେ ମହିଳାମାନଙ୍କ ଓଜନ ଅନେକ କ୍ଷେତ୍ରରେ ୧୫-୨୦ କିଲୋ ବୃଦ୍ଧି ପାଇଥାଏ । ଏହା କିନ୍ତୁ ଅତି ଖରାପ । ବ୍ୟାୟାମ ଓ ଖାଦ୍ୟରେ ପରିବର୍ତ୍ତନ ଆଣି ଏହାକୁ ଆୟତ୍ତରେ ରଖିବାକୁ ପଡ଼ିଥାଏ ।

ହାଇପୋଥାଇରୋଡ଼ିଜିମ୍ ସଂକଟଜନକ ସ୍ଥିତିରେ ଥିଲେ ଗର୍ଭସଂଚାର ବି ସମ୍ଭବ ହୁଏନାହିଁ । ଗର୍ଭଧାରଣ କରିଥିବା ସମୟରେ ଯଦି ଏହି ସମସ୍ୟା ଆସେ ତେବେ ତା'ର ପ୍ରଭାବ ଗର୍ଭସ୍ଥ ଶିଶୁ ଉପରେ ପଡ଼େ । ଏପରିକି ଶିଶୁର ଅବସ୍ଥା ସାଂଘାତିକ ହୋଇଯାଏ । ଭ୍ରୁଣ ବିକଶିତ ହୋଇପାରେ ନାହିଁ । ତା'ର ବୌଧିକ ଅବସ୍ଥା ମଧ୍ୟ କ୍ଷତିଗ୍ରସ୍ତ ହୁଏ । ଏହା ଥାଇରୋକ୍ସିନ୍ ହର୍ମୋନ୍ ଅଭାବରୁ ହିଁ ହୋଇଥାଏ । ଏଣୁ ଗର୍ଭଧାରଣ ପୂର୍ବରୁ ଆବଶ୍ୟକ ଚିକିତ୍ସା ବ୍ୟବସ୍ଥା ଗ୍ରହଣ କରିବା ପରେ ହିଁ ଆଗେଇବା ଦରକାର ।

ହାଇପୋଥାଇରୋଏଡ଼ିଜିମ୍ କ୍ଷେତ୍ରରେ ଲକ୍ଷଣ ହେଉଛି ରୋଗୀର କ୍ରମଶଃ ଓଜନ ବଢ଼ିବା ସହ ଦୁର୍ବଳତା ଦେଖାଦେଇଥାଏ । ମୁହଁ ଓ ଆଖି ଫୁଲିଯିବା ସହ ଗଣ୍ଠି ତଥା ମାଂସପେଶୀରେ ଭୀଷଣ ଯନ୍ତ୍ରଣା ଅନୁଭୂତ ହୋଇଥାଏ । ଭୁଲାପଣ ରହିବା ସହ ମୁଣ୍ଡ ଏପରିକି ଆଖି ପତାରୁ କେଶ ମଧ୍ୟ ଝଡ଼ିବା ଆରମ୍ଭ କରେ । ସେହିପରି କୌଣସି କାର୍ଯ୍ୟରେ ପ୍ରାୟତଃ ଆଗ୍ରହ ଲାଗିନଥାଏ । କଣ୍ଠସ୍ୱର କର୍କଶ ହେବା ସହ କିଛି ରୋଗୀମାନଙ୍କ କ୍ଷେତ୍ରରେ ହୃଦ୍ ସ୍ପନ୍ଦନ ମନ୍ଥର ହୋଇଯାଏ । ଏହି ସମସ୍ୟା ବେଳେ ରୋଗୀଟି ଥଣ୍ଡା ସହିପାରି ନଥାଏ । ଭୋକ ନହେବା ସହ କୋଷ୍ଠକାଠିନ୍ୟ ସମସ୍ୟା ଦେଖାଯିବା ସହ ଅନିୟମିତ ଋତୁସ୍ରାବ ସମସ୍ୟା ମଧ୍ୟ ଯନ୍ତ୍ରଣା ଦେଇଥାଏ ।

ହାଇପୋଥାଇରୋଏଡ଼ିଜିମ୍ ବା ହାଇପରଥାଲରୋଏଡ଼ିଜିମ୍ ନିରୂପଣ କରିବାକୁ ଶାରୀରିକ ପରୀକ୍ଷା ତଥା ବ୍ୟକ୍ତିର ଅସୁସ୍ଥତା ସମ୍ପର୍କିତ ଇତିହାସକୁ ଅନୁଧ୍ୟାନ କରାଯାଏ । ଶାରୀରିକ ପରୀକ୍ଷା ସମୟରେ ଆଖି, ତ୍ୱଚା, ହାର୍ଟ ଓ ନ୍ୟୁରୋଲୋଜିକ୍ ଉପରେ ଗୁରୁତ୍ୱ ଦିଆଯାଏ । ରକ୍ତ ପରୀକ୍ଷା କରି ଏଏସ୍‌ଏଚ୍‌ଲ ଟି୩ ଓ ଟି୪ ସ୍ତର ନିରୂପଣ କରିବାକୁ ହୁଏ । ଖୁବ କମ୍ ପରିମାଣର ରେଡ଼ିଓ ଆକ୍ଟିଭ ଆଇଓଡ଼ିନ୍ ସେବନ କରିବାପରେ ନ୍ୟୁକ୍ଲିୟାର ଥାଇରୋଏଡ୍ ସ୍କାନ୍ କରାଯାଏ । ଥାଇରୋଏଡ଼ ଗ୍ଲାଣ୍ଡରେ ଥିବା ନୋଡୁଲ୍ କି ପ୍ରକାରର ଏହାର ସଂଖ୍ୟା ଓ ଆକାର ସମ୍ପର୍କରେ ଜାଣିବାକୁ ଥାଇରୋଏଡ୍ ଅଲଟ୍ରାସାଉଣ୍ଡ କରିବାକୁ ପଡ଼େ । ସିଟି ସ୍କାନ୍ କରାଯାଏ । ଥାଇରୋଏଡ୍ ଗ୍ଲାଣ୍ଡର ନୋଡ୍ୟୁଲ୍‌ରୁ ଥାଇରୋଏଡ୍ ଟିସ୍ୟୁ ସାମ୍ପଲ୍ ସଂଗ୍ରହ କରାଯାଇ ପରୀକ୍ଷା କରାଯାଏ । ଆବଶ୍ୟକ ପରିମାଣର ଥାଇରୋଏଡ୍ ହର୍ମୋନ୍ କ୍ଷରଣ କରିବାକୁ ଥାଇରୋଏଡ୍ ଗ୍ଲାଣ୍ଡକୁ କାର୍ଯ୍ୟକ୍ଷମ କରିବା ଆବଶ୍ୟକ । ଏଥିପାଇଁ ପ୍ରତିଦିନ ୧୫-୨୦ ମିନିଟ୍ ବ୍ୟାୟାମ ଲୋଡ଼ା । ବ୍ୟାୟାମ ମାଧ୍ୟମରେ ହୃଦ୍ ସ୍ପନ୍ଦନ ବଢ଼ାଇବା ଦ୍ୱାରା ଲାଭ ମିଳେ । କାର୍ଡ଼ିଓ ଏକ୍‌ସର୍ ସାଇଜ୍, ଡ୍ୟାନ୍ସ, ସୁଇମିଂ ଓ ସାଇକେଲିଂ ଏଥିପାଇଁ ସୁବୁଠୁ ଭଲ । ଏହା ବ୍ୟତୀତ କ୍ୟାମେଲ୍ ଓ କୋର୍ବା । ଭଙ୍ଗୀ ଓ ପଶ୍ଚିମୋତାସନ ଅଭ୍ୟାସ କରାଯାଏ ।

ହାଇପୋଥାଇରୋଏଡ଼ିଜିମ୍ ବଂଶଗତ ହୋଇପାରେ । ଡାଇବେଟିସ୍ ଓ ରିୟୁମାଟଏଡ଼ ଆର୍ଥରାଇଟିସ୍ ଥିବା ବ୍ୟକ୍ତିଙ୍କୁ ଏହା ଗ୍ରାସ କରିଥାଏ । ଅସଂଯତ ଜୀବନଶୈଳୀ ବି ଏହାର କାରଣ ହୋଇଥାଏ । ଆଇଓଡ଼ିନ୍‌ର ଅଭାବ ମଧ୍ୟ ଏଥି ପାଇଁ ଦାୟୀ । ହାଇପୋଥାଇରୋଏଡ଼ିଜିମ୍ ଶରୀରରେ କୋଲେଷ୍ଟେରୋଲ ଓ ଲିପିଡ଼୍ ସ୍ତର ବୃଦ୍ଧିକରେ ବୋଲି ଜଣାପଡ଼ିଛି । ଏହା ହୃଦ୍‌ରୋଗର କାରଣ ବି ହୁଏ । ମୋଟା ଫେସିଆଲ୍ ତ୍ୱଚା ଦେଖାଦେବା କ୍ଷଣି ହାଇପୋଥାଏରୋଏଡ଼ିଜିମ୍ କାରଣରୁ ହୃଦ୍‌ରୋଗ ହେବାର ଆଶଙ୍କା ମଧ୍ୟ ପ୍ରକାଶ ପାଏ । ଏମିତିକି ସ୍ୱାସ୍ଥ୍ୟ ଅବସ୍ଥାକୁ ସମ୍ପୂର୍ଣ୍ଣ ବିଗାଡ଼ି ଦେବାର କ୍ଷମତା ହାଇପୋଥାଏରୋଏଡ଼ିଜିମ୍‌ର ଅଛି । ସର୍ବପ୍ରଥମେ ମହିଳାମାନେ ତାଙ୍କ ଋତୁକାଳୀନ ସମସ୍ୟାକୁ ନଜର ଅନ୍ଦାଜ ନକରନ୍ତୁ। ଶରୀର ପରିଶ୍ରମ ତୁଳନାରେ ଯେପରି ବିଶ୍ରାମ ଓ ପୁଷ୍ଟିକର ଖାଦ୍ୟ ଯଥେଷ୍ଟ ଭାବେ ପାଇବ ସେ ଦିଗକୁ ଦେଖନ୍ତୁ। ପିଲାଦିନେ ବା କିଶୋରୀ ଅବସ୍ଥାରେ କୌଣସି ଅସ୍ଥିଜନିତ ସମସ୍ୟା ବା ଆଘାତ ଥିଲେ ଏହାକୁ ମଧ୍ୟ ଅଣଦେଖା କରନ୍ତୁ ନାହିଁ। କୌଣସି ପ୍ରକାର ଯନ୍ତ୍ରଣା ହେଲେ ବିନା ଡାକ୍ତରୀ ପରାମର୍ଶରେ ପେନ୍‌କିଲର ଗ୍ରହଣ କରନ୍ତୁ ନାହିଁ। କାରଣ ଏହା ପରବର୍ତ୍ତୀ ସମୟରେ ଆପଣଙ୍କୁ ଯନ୍ତ୍ରଣା ଭିତରକୁ ଠେଲି ଦେଇଥାଏ।

ଅଧୀକ୍ଷକ, ସ୍ତ୍ରୀ ଓ ପ୍ରସୂତୀ ରୋଗ ବିଶେଷଜ୍ଞ, ଅର୍ବାନ ସିଏଚ୍‌ସି, ସିଡ଼ିଏ, କଟକ, ଦୂରଭାଷ : ୯୪୩୭୬୬୬୪୫୩

# ବଜାର ଦର ଚଢ଼ା, ଚଷା ପୁଅ ପାଇଁ ନାହିଁ ପ୍ରୋତ୍ସାହନ

**ହୃଶିକେଷ ପୁହାଣ ■**

ବର୍ଷା ଓଡ଼ିଶାକୁ ଭିଜାଇଲାଣି ତେବେ ଏ ସବୁ ଭିତରେ ଖାଉଟିମାନେ ବଜାରର ମହଙ୍ଗା ଚଡ଼କରେ ବିଲକୁଲ ଭିଜି ସାରିଲେଣି। ଚାଉଳ ଠାରୁ ଅଟା, ଡାଲି ଠାରୁ ଖାଇବା ତେଲ, ପନିପରିବା ଠାରୁ ଘରର ସମସ୍ତ ଖାଉଟି ଜିନିଷ ଆଶ୍ଚର୍ଯ୍ୟଜନକ ଭାବେ ରୀତିମତ ଚଢ଼ା। ମୌସୁମୀର ଆଗମନ ବିଳମ୍ବିତ ହେବା ସାଙ୍ଗକୁ ରବି ଫସଲ ଦରରେ ଏତେ ବେଶୀ ହେବ ବୋଲି କେହି ଭାବି ପାରିନଥିଲେ। ବଜାର ଦରକୁ ଟିକେ ନଜର ପକାନ୍ତୁ। ବାଇଗଣ, ଜହ୍ନ, ଟମାଟୋ, ଯାହାକୁ ବି ହାତ ମାରିବ କରେଣ୍ଟ ମାରିଲା ପରି ଦର। ସତୁରୀରୁ ଶହେ ଭିତରେ ସବୁ ମୂଲ୍ୟ। ଆଉ ଝୁଡ଼ଙ୍ଗ, ସଜନା ଛୁଇଁ ଆକାଶ ଛୁଆଁ ହେଲାଣି। ମଧ୍ୟବିତ୍ତ ପରିବାର ବୋଲି ଯେଉଁମାନଙ୍କୁ କୁହାଯାଏ ସେମାନେ ଏକ କିଲୋ ଜାଗାରେ ବଜାରରୁ ଅଧକିଲୋ କିଣୁଛନ୍ତି। ସାଧାରଣ ନିର୍ବାଚନ ତ ସରିଲା, ଖାଉଟି ମାନଙ୍କ ମୁଣ୍ଡ ଉପରେ ସତେ ଯେପରି ବଜାରର ଦର ଚଡ଼କ ପକାଇ ଦେଇଛି। ଏମିତିରେ ଡାଲି, ଚାଉଳ, ଆଳୁ, ପିଆଜ, ଅଦା, ରସୁଣ ସବୁ ଅମୂଲ ମୂଲ୍ୟ। ଏସବୁ ଭିତରେ ଖାଉଟିଟି ନିରୀହ ପ୍ରଶ୍ନଟି ପଚାରୁଛି ଯେ ବଜାର ଉପରେ କ'ଣ ସରକାରଙ୍କ ନିୟନ୍ତ୍ରଣ ନାହିଁ। ପାଇକାରି ତଥା ଖୁଚୁରା ବେପାରିମାନେ ବହୁ ପ୍ରକାର ସମସ୍ୟାକୁ ସାମ୍ନା କରୁଛନ୍ତି ବୋଲି ମତ ରଖୁଛନ୍ତି। ପାଠ କହୁଛି ବଜାରର ଆବଶ୍ୟକତା ଦେଖି ଯୋଗାଣ ହୋଇଥାଏ। ଚାହିଦା ଓ ଯୋଗାଣ ଶୃଙ୍ଖଳା ଉପରେ କର୍ତ୍ତୃପକ୍ଷ ନଜର ଦେବା କଥା। ଥରେ ତାହା ବିଗିଡ଼ି ଗଲେ ବଜାର ସ୍ଥିତି ଉପରେ ଆଉ କାହାର ଲଗାମ ରହିବ ନାହିଁ। ଯାହାର କୁ ପରିଣତି ହେଉଛି ବେଲଗାମ ଦର ବୃଦ୍ଧି।

ଆମ ଅର୍ଥନୀତିର ବଡ଼ ଘୋଷଣା କହୁଛି ଚାଉଳ ଏବଂ ଗହମ ଉତ୍ପାଦନରେ ଦେଶ ବଳକା ହୋଇ ସାରିଛି ଦେଶ। ୨୦୨୦ ମସିହାରୁ ପୂର୍ବ ଭାରତରେ ସବୁଜ ବିପ୍ଳବ କାର୍ଯ୍ୟକ୍ଷମ କରାଯାଉ ନାହିଁ। ଜଳବାୟୁ ପରିବର୍ତ୍ତନ, ଅପପୁଷ୍ଟି ମୁକାବିଲା ମୁଖ୍ୟ ଚ୍ୟାଲେଞ୍ଜ ଭାବେ ଉଭା ହେଲାଣି। ଏପରିସ୍ଥଳେ ରାଜ୍ୟ ସରକାର ଧାନ ଚାଷକୁ ହ୍ରାସ କରି ଫସଲ ବିବିଧୀକରଣକୁ ଗୁରୁତ୍ୱ ଦେଉଛନ୍ତି। ଓଡ଼ିଶାରେ ଡବଲ ଇଞ୍ଜିନ ସରକାର କୃଷି ବିକାଶ ପାଇଁ ବ୍ୟାପକ କାର୍ଯ୍ୟକ୍ରମ ହାତକୁ ନେଇଛନ୍ତି ଓ ଚଷା ପୁଅର ଉନ୍ନତିକଳ୍ପେ ଅନେକ ପ୍ରୋତ୍ସାହନ ମଧ୍ୟ ପ୍ରଦାନ କରୁଛନ୍ତି। ଯାହାରଫଳ ସ୍ୱରୂପ ଯୁବ ବର୍ଗ ଆଜିକାଲି ଚାଷବାସ ପ୍ରତି ଆଗ୍ରହ ରଖିଲେଣି। ୨୦୨୦ ମସିହାରେ ସମୁଦାୟ ୭୯ ଲକ୍ଷ ୬୬ ହଜାର ହେକ୍ଟର ଚାଷ ଜମିରୁ ୪୯.୩୨% ଜମିରେ ଅଣଧାନ ଚାଷ ହେଉଥିଲା। ୨୦୨୧ ମସିହାରେ ୭୯ଲକ୍ଷ ୫୧ ହଜାର ହେକ୍ଟରରୁ ୫୦.୪୪% ଅଣଧାନ ଚାଷ ଥିଲା। ୨୦୨୩ ମସିହାରେ ଫସଲ ବିବିଧୀକରଣ କାର୍ଯ୍ୟକ୍ରମ ଅନ୍ତର୍ଗତରେ ୧୩୦.୯୫ କୋଟି ଟଙ୍କାର ପ୍ରୋତ୍ସାହନ ରାଶି ୧ଲକ୍ଷ ୮୯ ହଜାର ୭୮୩ ଚାଷୀଙ୍କୁ ଦିଆଯିବା ପରେ ସ୍ଥିତିରେ ବିଶେଷ ଉନ୍ନତି ଘଟିନାହିଁ। ବରଂ ରାଜ୍ୟରେ ବର୍ତ୍ତମାନ ସମୁଦାୟ ୮୧ ଲକ୍ଷ ୮୪ ହଜାର ହେକ୍ଟର ସମୁଦାୟ ଚାଷ ଜମିରୁ ୫୦.୩୪% ଜମିରେ ଅଣଧାନ ଚାଷ ହେଉଛି। ପୂର୍ବାପେକ୍ଷା ଏହା କମିବା ଆରମ୍ଭ କଲାଣି।

କୃଷି ବିଭାଗର ସୂଚନା ଅନୁସାରେ ରାଜ୍ୟରେ ୫୦ରୁ ଅଧିକ ପ୍ରକାର ଚାଷ ହେଉଛି। କୌତୁହଳ କଥା ହେଉଛି, ଅଣଧାନ ଚାଷ ପାଇଁ ବ୍ୟାପକ ପ୍ରୋତ୍ସାହନ ଦେଉଛନ୍ତି ସରକାର। ମାତ୍ର ସବୁ ଫସଲ ମିଶାଇ ଯେତେ ଚାଷ ହେଉଛି କେବଳ ଧାନ ସେତିକି ହେଉଛି। ୨୦୧୩ରୁ ୨୦୨୨ ମସିହା ମଧ୍ୟରେ ଧାନ ଉତ୍ପାଦନ ୫୬.୬୩% ବୃଦ୍ଧି ପାଇଛି। ତୈଳବୀଜ ୬୯୮ ହଜାର ମେଟ୍ରିକ ଟନରୁ ୫୧୩ ହଜାର ମେଟ୍ରିକ ଟନକୁ ହ୍ରାସ ପାଇଛି। ପରିବା ଉତ୍ପାଦନ ନାମକୁ ମାତ୍ର ଅର୍ଥାତ୍ ୪.୩% ବଢ଼ିଛି। ଡାଲି ମାତ୍ର ୩୪.୬୫% ବଢ଼ିଛି। ରାଜ୍ୟରେ ୪ଟି ଯୋଜନା ଅଧୀନରେ ଖରିଫରେ ୬ଲକ୍ଷ ହେକ୍ଟର ଏବଂ ରବିରେ ୧୩ ଲକ୍ଷ ହେକ୍ଟର ଡାଲି ଚାଷ ହୋଇ ସମୁଦାୟ ୧୦ଲକ୍ଷ ୭୪ ହଜାର ୨୪୦ ମେଟ୍ରିକ ଟନର ଡାଲି ଉତ୍ପାଦିତ ହେଉଛି। ହେଲେ ପ୍ରୋସେସିଂ ୟୁନିଟ ଅଭାବରୁ ଉତ୍ପାଦିତ ୧ଲକ୍ଷ ୮୦ ହଜାର ମେଟ୍ରିକ ଟନର ଡାଲି ହିଁ ରାଜ୍ୟ ବଜାରକୁ ଆସୁଛି। ଧାନ ଭଳି ଡାଲି ବିକ୍ରୟ ନେଇ ମଣ୍ଡି ବ୍ୟବସ୍ଥା ନାହିଁ। ଏଣୁ ଚାଷୀ ଏଥିପ୍ରତି ଆଗ୍ରହ ଦେଖାଉନାହାଁନ୍ତି। ଏମଏସପିର ଆଇନଗତ ମାନ୍ୟତା ନେଇ ଚାଷୀ ସଙ୍ଗଠନର ଆନ୍ଦୋଳନ ଚାଲିଥିବା ପରିପ୍ରେକ୍ଷୀରେ ବର୍ତ୍ତମାନ ସରକାର ଦୁଇ ପ୍ରକାର ଡାଲିଜାତୀୟ ଫସଲ ଏମଏସପିରେ କ୍ରୟ ପାଇଁ ପ୍ରସ୍ତାବ ଦେଇଛନ୍ତି। କେନ୍ଦ୍ର ଏହାକୁ କାର୍ଯ୍ୟକାରୀ କଲେ ଡାଲି ଚାଷୀ ଉପକୃତ ହେବା ସହିତ ଚାଷ ବଢ଼ିବା ଆଶା ରହିଛି। ଏହି ପ୍ରସ୍ତାବରେ ୫ ବର୍ଷ ପାଇଁ ସରକାର ମକା ଏବଂ କପା ମଧ୍ୟ ଏମଏସପିରେ କ୍ରୟ ପାଇଁ କହିଥିଲେ। ଓଡ଼ିଶାରେ ବର୍ତ୍ତମାନ ୮ଲକ୍ଷ ୬୦ ହଜାର ମେଟ୍ରିକ ଟନର ମକା ଉତ୍ପାଦିତ ହେଉଛି। ଏହାର ସ୍ୱତନ୍ତ୍ର ବଜାର ଚାହିଦା ରହିଛି। ହେଲେ ୧୦ ବର୍ଷ ମଧ୍ୟରେ ଉତ୍ପାଦନ ପରିମାଣ ମାତ୍ର ୧୦.୧୯% ବଢ଼ିଛି। ଏହି ଚାଷ ମୁଖ୍ୟତଃ ନବରଙ୍ଗପୁରର ଉମରକୋଟରେ ସୀମିତ ରହିଛି। ଅନ୍ୟପକ୍ଷରେ ବ୍ୟବସାୟୀଙ୍କ ପ୍ରତ୍ୟକ୍ଷ ନିବେଶ ରହିଥିବାରୁ କପା ଉତ୍ପାଦନ ୧୦ ବର୍ଷ ମଧ୍ୟରେ ୧୩୫% ବଢ଼ିଛି। ଅଣଧାନ ଚାଷ ମଧ୍ୟରୁ ମିଲେଟ ମିସନ ଅନ୍ତର୍ଗତରେ ମାଣ୍ଡିଆ ଚାଷ ଏବଂ ଉତ୍ପାଦନ ୫୭.୮୭% ବଢ଼ିଛି। ଧାନ ଖର୍ଚ୍ଚବହୁଳ ଏବଂ ପ୍ରାକୃତିକ ବିପର୍ଯ୍ୟୟରେ ଏହା ଶୀଘ୍ର ପ୍ରଭାବିତ ହୁଏ। ଏହା ଛଡ଼ା ଚାଉଳରେ ରାଜ୍ୟ ବଳକା ହୋଇ ସାରିଛି। ତେଣୁ ଅଣଧାନ ଚାଷ ପାଇଁ ଗୁରୁତ୍ୱ ଦିଆଯିବା ନିହାତି ଆବଶ୍ୟକ। ହେଲେ ସରକାରଙ୍କ ଯୋଜନା ଓ କାର୍ଯ୍ୟାନ୍ୱୟନ ମଧ୍ୟରେ ଯୋଜନା ଯୋଜନ ଦୂରତା କାରଣରୁ ଲକ୍ଷ୍ୟ ହାସଲ ହୋଇପାରୁନଥିବା ବିଶେଷଜ୍ଞଙ୍କ ମତ ରଖୁଛନ୍ତି।

ପୂର୍ବତନ ଦିବଂଗତ ପ୍ରଧାନମନ୍ତ୍ରୀ ଲୋକପ୍ରିୟ କଥାଟି କହିଥିଲେ 'ଜୟ ଜବାନ, ଜୟ କିଶାନ'। ହେଲେ ଆଜି କିଶାନ ଅର୍ଥାତ୍ ଚାଷୀପୁଅଟି କ୍ଷେତରେ କାନ୍ଦୁଛି। ପ୍ରୋତ୍ସାହନ ନାହିଁ, ବ୍ୟାଙ୍କମାନେ ଋଣ ଦେବାକୁ ମୁହଁ ମୋଡୁଛନ୍ତି। ଏପଟେ ଚାଷ କ୍ଷେତକୁ ଠିକ ଭାବେ ପାଣି ପହଞ୍ଚୁନି। ବନ୍ୟା, ମରୁଡ଼ି ତ ଚାଷୀର ସବୁ ଦିନିଆ ବନ୍ଧୁ। କେଉଁଠି ଅଭାବୀ ଚାଷୀଟି ଆତ୍ମହତ୍ୟା କଲାଣି ଆଉ ରାଜ୍ୟରେ ଶୀତଳ ଭଣ୍ଡାର ନଥିବାରୁ ଉତ୍ପାଦନ ସମୟରେ ଫସଲ ଟଙ୍କାକରେ ବିକ୍ରି ହେଉଥିବାବେଳେ ଝାଳବୁହା ପରିଶ୍ରମର ମୂଲ୍ୟ ଉଠୁନି। ଏସବୁ ଦେଖିଲେ ଚାଷବାସ ପ୍ରତି ଯୁବପିଢ଼ି କିପରି ଆଉ ଆଗ୍ରହ ରଖିବେ ତାହା ବଡ଼କଥା। ଟଙ୍କିକିଆ ଚାଉଳ, ପ୍ରଚାର ସର୍ବସ୍ୱ ଭୋଟକିଣା ରାଜନୀତି, ଯାହାକି ବିଗତ ସରକାର କରିଯାଇଛନ୍ତି ତାହା ବର୍ତ୍ତମାନର ଚଷାପୁଅ ପାଇଁ ଏକ ଚଡ଼କ ପକାଇଛି କହିଲେ ଅତ୍ୟୁକ୍ତି ହେବନାହିଁ। ଚଷାପୁଅ ପାଇଁ ବଡ଼ କଥା ହେଉଛି ସ୍ଥିର ବଜାର ଦର, ପର୍ଯ୍ୟାପ୍ତ ଶୀତଳ ଭଣ୍ଡାର, ବ୍ୟାଙ୍କର ସହଯୋଗ, ଉନ୍ନତ ଜଳସେଚନ ଓ ସୂଚନା ପ୍ରଯୁକ୍ତିର ଚାଷବାସ ପାଇଁ ସହଯୋଗ ଓ କଳା ବଜାରୀ ତଥା ଅଭାବୀ ବିକ୍ରି ପାଇଁ ସରକାରୀ ଦୃଢ଼ ନୀତି। ବଜାରରେ ତୈଳଜନିତ ମୂଲ୍ୟର ଦାମ ବଢ଼ିଲେ ପରୋକ୍ଷ ଭାବେ ଚାଷୀଟି କ୍ଷତିଗ୍ରସ୍ତ ହୋଇଥାଏ। ସରକାର ଯେଉଁପରି ବିଭିନ୍ନ ପ୍ରୋତ୍ସାହନ ଓ ସହଯୋଗ ସବୁ ଘୋଷଣା କରୁଛନ୍ତି ତାହା ବାସ୍ତବରେ ଚଷାପୁଅ ପାଇଁ ଉପକାରୀ ସାବ୍ୟସ୍ତ ହେଉଛି। ଅନେକ କ୍ଷେତ୍ରରେ ଦେଖାଯାଏ ବଡ଼ ବ୍ୟବସାୟୀ ଓ ମୁନାଫାଖୋର ମାନଙ୍କ ବିଷଚକ୍ର ଭିତରେ ନିରୀହ ଚାଷୀଟି ବଳି ପଡ଼ିଯାଏ। ଉପଭୋକ୍ତାଙ୍କ ସ୍ୱାର୍ଥ ପାଇଁ ଖାଉଟି କଲ୍ୟାଣ ନୀତି ସରକାର ଯେଉଁ ପ୍ରଚଳନ କରିଛନ୍ତି ତାହା ବାସ୍ତବିକ ପ୍ରଶଂସନୀୟ। ଏକ ଗଣତାନ୍ତ୍ରିକ ଜନମଙ୍ଗଳ ରାଷ୍ଟ୍ରରେ ଜନସ୍ୱାର୍ଥକୁ ପ୍ରାଥମିକତା ଦେବା ସରକାରଙ୍କ ସର୍ବାଦୌ ଓ ପ୍ରାଥମିକ ମୂଳ କର୍ତ୍ତବ୍ୟ। ଏହି ମୂଳମନ୍ତ୍ରକୁ ବିଚାରକରି ଖାଉଟିଙ୍କ କଲ୍ୟାଣ ପାଇଁ ଠୋସ ଓ ବାସ୍ତବିକ ପଦକ୍ଷେପ ନେଲେ ତାହା ସର୍ବଜନ ହିତାୟ ହେବନାହିଁ ବରଂ ଖାଉଟିଟି ସର୍ବନିମ୍ନ ଭାବେ ଗଣ୍ଡାଏ ଖାଇବା ପାଇଁ ସମର୍ଥ ହୋଇପାରିବ।

ଥାଇଲୋ, ଅଲିକଣ୍ଟା, ବାଲିକୁଦା, ଜଗତସିଂହପୁର-୭୫୪୧୦୮, ଦୂରଭାଷ : ୭୦୦୮୪୩୮୯୫୯

# ଶ୍ରୀ ଗୁରୁ କଳ୍ପତରୁ ଶରଣ

**ଶ୍ରୀଗୁରୁ ଆଶ୍ରିତ ଅତୀଶ**

ସେବକ ମାନଙ୍କ ଆଳସ୍ୟ ଯୋଗୁ ନାମ ଧ୍ୱନି କମିଆସିଲେ ସଂଗେ ସଂଗେ ତାଙ୍କର ନିଦ୍ରାଭଙ୍ଗ ହୁଏ ଆଉ ନାମ ଧ୍ୱନି ଯେତେ ଉଦଣ୍ଡ ହୁଏ ତାଙ୍କର ସୁଖ ନିଦ୍ରା ହୁଏ। ସେ ନାମ ସେବକ ମାନଙ୍କୁ ଲକ୍ଷ କରି କୁହନ୍ତି ଯେ ନାମ କରିବ ସେ 'ବାୟା'ର ବାପାର ବାପା। ନାମଚାର୍ଯ୍ୟ ବିଶ୍ୱବିଦ୍ୟାଳୟର ଡିଗ୍ରୀ ପରି ଏକ ପଦବୀ ନୁହେଁ – ଏହା ଏକ କାୟମନୋବାକ୍ୟରେ ଆଚରଣ ସିଦ୍ଧ ଅନୁଭବର ସିଦ୍ଧ। ଅନ୍ୟ ଏକ ଦିଗରୁ ବିଚାର କଲେ ଯେ ସାଧନା କରେ ସେ ସାଧକ। ସାଧନାରେ ସିଦ୍ଧି ଲାଭ କଲେ ହୁଏ ସିଦ୍ଧ। ଆଉ ନିଜେ ସାଧନାରେ ସିଦ୍ଧି ଲାଭ କଲାପରେ ଅନ୍ୟ ମାନଙ୍କୁ ସେହି ସାଧନାରେ ପ୍ରଭୂତ କରାଇଲେ ତାଙ୍କୁ ଗୁରୁ କୁହାଯାଏ। ମାତ୍ର ନାମ ସାଧନାରେ ସିଦ୍ଧିଲାଭ କରି ମଧ୍ୟ ନିତ୍ୟନିରନ୍ତର ସେଥିରେ ନିରତ ରହିବ ଅନ୍ୟକୁ ସେଥିରେ ପ୍ରଭୂତ କରିବା। ଏହି ସବୁ ବାୟାଙ୍କ ଜୀବନରେ ଘଟିଥିଲା। ତେଣୁ ନାମ ଭିତରେ ସବୁବେଳେ ରହି ସେ ପାଲଟି ଗଲେ ନାମକଳ୍ପତରୁ।

ନିଗମକଳ୍ପତରୁ : ବେଦର ଅପର ନାମ ନିଗମକଳ୍ପତରୁ। ଆଉ ଶ୍ରୀମଦ ଭାଗବତ ଗ୍ରନ୍ଥ ହେଉଛି ନିଗମକଳ୍ପତରୁର ରସାମୃତ ଫଳ। ବେଦାଧ୍ୟୟନ ସଭିଙ୍କ ପାଇଁ ସହଜ ନୁହେଁ ସେଥିପାଇଁ ଭାଗବତ ହେଉଛନ୍ତି କଳ୍ପତରୁ ରୂପ ପ୍ରସିଦ୍ଧ। ବାୟାଙ୍କ ଜୀବନରେ ଭାଗବତ ଗ୍ରନ୍ଥ ଓତପ୍ରେତ ଭାବରେ ଜଡ଼ିତ। ତାଙ୍କ ୨୪ ବର୍ଷ ମୌନବ୍ରତ କାଳରେ ତାଙ୍କୁ କି କୌଣସି ପ୍ରଶ୍ନ କରୁଥିଲେ ସାଙ୍ଗରେ ରହୁଥିଲା ଏକାଦଶସ୍କନ୍ଧର କୌଣସି ଏକ ପୃଷ୍ଠାକୁ ଖୋଲି ପଢ଼ିବାକୁ କହନ୍ତି ଯାହାଦ୍ୱାରା ସେ ପଚାରିଥିବା ପ୍ରଶ୍ନର ଉତ୍ତର ମିଳିଥାଏ। ୧୯୫୨ ମସିହାରେ ଥରେ ବୃନ୍ଦାବନରେ ରକ୍ତଆମାଶୟ ରୋଗ ଯୋଗୁ ବାବା ବହୁତ କଷ୍ଟ ପାଇଲେ ଯାହାଘରେ ରହୁଥିଲେ ଶ୍ରୀ ରାମଜିଚୋବେ ଜିଦ ଧରିଲେ ବାୟା ଯଦି ଔଷଧ ନଖାଇବେ ମୁଁ ଦୌଡ଼ି ଲଗାଇ ମାରିବି। (କ୍ରମଶ



# ୟୁରୋକିଡସ ପକ୍ଷରୁ ହାର୍ଭାର୍ଡ ଅନୁପ୍ରାଣିତ 'ହ୍ୟୁରେକା' ପାଠ୍ୟକ୍ରମର ଶୁଭାରମ୍ଭ

ଭୁବନେଶ୍ୱର,୧୦।୯ (ନି.ପ୍ର) : ଭାରତର ଅଗ୍ରଣୀ ପ୍ରି-ସ୍କୁଲ ବିଶେଷଜ୍ଞ ୟୁରୋକିଡସ୍ ଏହାର ୮ମ ସଂସ୍କରଣର ପାଠ୍ୟକ୍ରମ "ହ୍ୟୁରେକା - ଭିଜିବଲ ଥିଙ୍କିଂ କରିକୁଲମ" ଉନ୍ମୋଚନ କରିଛି। ହାର୍ଭାର୍ଡ ବିଶ୍ୱବିଦ୍ୟାଳୟର 'ପ୍ରୋଜେକ୍ଟ ଜିରୋ' ଏବଂ ରାଷ୍ଟ୍ରୀୟ ଶିକ୍ଷା ନୀତି ୨୦୨୦ର ସର୍ବାଙ୍ଗୀନ ବିକାଶର ଲକ୍ଷ୍ୟ ଅନୁଯାୟୀ ପରିକଳ୍ପିତ 'ହ୍ୟୁରେକା' ଶିଶୁ ଶିକ୍ଷାର୍ଥୀମାନଙ୍କ ସାମ୍ପ୍ରତିକ ଏବଂ ସୃଜନଶୀଳ ଚିନ୍ତନ କୌଶଳ ବୃଦ୍ଧି କରିବାକୁ ପ୍ରସ୍ତୁତ କରାଯାଇଛି। ଏକ ମହତ୍ୱକାଂକ୍ଷୀ ଅଭିବୃଦ୍ଧି ରଣନୀତିର ଅଂଶ ଭାବେ ଏହି ପ୍ରି-ସ୍କୁଲ ନେଟୱର୍କ ଭୁବନେଶ୍ୱର ଏବଂ ସାରା ଓଡ଼ିଶାରେ ଏହାର ଉପସ୍ଥିତି ବିସ୍ତାର କରିବାକୁ ମଧ୍ୟ ଯୋଜନା ଘୋଷଣା କରିଛି। ଯୋଜନା ଅନୁଯାୟୀ, ୟୁରୋକିଡସ୍ ଆଗାମୀ ୫ ବର୍ଷ ମଧ୍ୟରେ ରାଜ୍ୟରେ ୩୨ଟି ନୂତନ କେନ୍ଦ୍ର ଖୋଲିବ, ଯାହାଦ୍ୱାରା ଓଡ଼ିଶାରେ ଥିବା ଏହାର କେନ୍ଦ୍ର ସଂଖ୍ୟା ୪୩ରୁ ବୃଦ୍ଧି ପାଇ ୭୫କୁ ପହଂଚିବ ଏବଂ ରାଜ୍ୟର ପ୍ରାରମ୍ଭିକ ଶିକ୍ଷାର ଗୁଣବତା ବୃଦ୍ଧି ପାଇବ। ପ୍ରାରମ୍ଭିକ ଶିକ୍ଷା କ୍ଷେତ୍ରର ଅଗ୍ରଣୀ ୟୁରୋକିଡସ୍, ଉଚ୍ଚ ଗୁଣବତା ଯୁକ୍ତ ପ୍ରାରମ୍ଭିକ ଶିକ୍ଷାର ଆବଶ୍ୟକତାକୁ ଦର୍ଶାଉଛି, ତେଣୁ ଏହା ନିୟମିତ ଭାବରେ ଏହାର ପାଠ୍ୟକ୍ରମକୁ ଅପଡେଟ୍ କରୁଛି। 'ହ୍ୟୁରେକା' ପିଲାମାନଙ୍କୁ 'କ'ଣ' ଚିନ୍ତା କରିବାକୁ ହେବ ଶିଖାଇବା ପରିବର୍ତ୍ତେ ସେମାନଙ୍କୁ 'କିପରି' ଚିନ୍ତା କରିବେ ସେହି ଦିଗରେ ସଶକ୍ତ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆଣିଛି। ଏହି ପାଠ୍ୟକ୍ରମଟି ୨୦ଟି ଗଠନମୂଳକ ହାର୍ଭାର୍ଡ ଅନୁପ୍ରାଣିତ ଚିନ୍ତନ ପ୍ରଣାଳୀ ପରିଚିତ କରାଇବ ଯାହା କୌତୁହଳ ଜାଗ୍ରତ, କଳ୍ପନାଶକ୍ତି ବୃଦ୍ଧି ଏବଂ ଶିଶୁମାନଙ୍କର ସାମ୍ପ୍ରତିକ ଚିନ୍ତନ ଶକ୍ତିକୁ ପ୍ରୋତ୍ସାହିତ କରିବ, ଯାହାଦ୍ୱାରା ପିଲାମାନେ କେବଳ ସୂଚନା ଗ୍ରହଣ କରିବେ ନାହିଁ ବରଂ ସେଗୁଡିକୁ ସକ୍ରିୟ ଭାବରେ ଏପରି ଭାବରେ ବ୍ୟବହାର କରିବେ ଯାହା ଗଭୀର ବୋଧଶକ୍ତି ଏବଂ ସୃଜନଶୀଳତାକୁ ପ୍ରୋତ୍ସାହିତ କରିବ।



୧୮ ମାସର କଠୋର ଗବେଷଣା, ପାଇଲଟ ପରୀକ୍ଷଣ ଏବଂ ଉନ୍ନତୀକରଣ ପରେ ବିକଶିତ ହ୍ୟୁରେକାର "ଏପିକ୍ସ" ଫ୍ରେମୱର୍କ (ଯାହା ଭାବନାତ୍ମକ, ଶାରୀରିକ, ବୁଦ୍ଧିଗତ, ସୃଜନଶୀଳ ଏବଂ ଆଧ୍ୟାତ୍ମିକ ମାନ୍ୟତା) ଦ୍ୱାରା ପ୍ରସ୍ତୁତ କରାଯାଇଛି। ଏହା ଶିକ୍ଷା ବ୍ୟବସ୍ଥାରେ ବାରମ୍ବାର ଅଣଦେଖା କରାଯାଇଥିବା ବିକାଶର ପାଞ୍ଚଟି ମୂଳ କ୍ଷେତ୍ରକୁ ସାମିଲ କରିବ। ଏହି ପାଠ୍ୟକ୍ରମର ମୂଳସ୍ତମ୍ଭ ହେଉଛନ୍ତି ୧୩ଟି ଭିନ୍ନ କାର୍ଯ୍ୟକ୍ରମ (କୋଡ୍‌କ୍ୱେଷ୍ଟ, ୟୁରୋକନେକ୍ଟ, ୟୁରୋଫିଟ, ୟୁରୋଆର୍ଟ, ଏଲିଭେଟ୍, ଏବଂ ଅନ୍ୟାନ୍ୟ) ଯାହାକି ପ୍ରତ୍ୟେକ ପିଲାଙ୍କ ଶିକ୍ଷାଗ୍ରହଣ ଯାତ୍ରା ପାଇଁ ଉପଯୁକ୍ତ ଏବଂ ସେମାନଙ୍କୁ କେବଳ ଏକାଡେମିକ୍ ସଫଳତା ପାଇଁ ନ ହେଇ ଜୀବନବ୍ୟାପୀ ବ୍ୟକ୍ତିଗତ ବିକାଶ ପାଇଁ ମଧ୍ୟ ପ୍ରସ୍ତୁତ କରିବ। ଏହି ପାଠ୍ୟକ୍ରମର ଉନ୍ମୋଚନ ଅବସରରେ ଲାଇଟହାଉସ୍ ଲର୍ଣ୍ଣିଂର ପ୍ରି-କେ ଡିଭିଜନ (ୟୁରୋକିଡସ୍)ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ କେଭିଏସ ଶେଶାଶାୟୀ କହିଛନ୍ତି ଯେ, "ୟୁରୋକିଡସରେ ଆମେ ଦୁଇ ବର୍ଷ ବୟସରୁ ହିଁ ମାନସିକ ଏବଂ ସାମ୍ପ୍ରତିକ ଚିନ୍ତନକୁ ପ୍ରୋତ୍ସାହିତ କରି ଜୀବନବ୍ୟାପୀ ଶିକ୍ଷାର ଭିତ୍ତିଭୂମି ପ୍ରସ୍ତୁତ କରିବାରେ ବିଶ୍ୱାସ କରୁଛୁ। ଡଃ ଅନିତା ମଦାନଙ୍କ ଦ୍ୱାରା ପରିକଳ୍ପିତ ହ୍ୟୁରେକା ପ୍ରାରମ୍ଭିକ ବାଲ୍ୟଶିଶୁ ଯତ୍ନ ଏବଂ ଶିକ୍ଷା କ୍ଷେତ୍ରର ସବୁଠାରୁ ନବୀନତମ ପାଠ୍ୟକ୍ରମ ଭାବରେ ଗଠିତ। ଆମର ସର୍ବାଙ୍ଗୀନ ଦୃଷ୍ଟିକୋଣ ନିଶ୍ଚିତ କରୁଛି ଯେ, ପିଲାମାନେ କେବଳ ବିଦ୍ୟାଳୟ ନୁହେଁ, ଜୀବନ ପାଇଁ ମଧ୍ୟ ପ୍ରସ୍ତୁତ ହେବା ସହ ଏକ ନିରବଚ୍ଛିନ୍ନ କ୍ରମରେ ବିକଶିତ ହେଉଥିବା ପୃଥିବୀକୁ ଆଗକୁ ବଢ଼ାଇବାର ଦକ୍ଷତା ହାସଲ କରିବେ।

ପାଠ୍ୟକ୍ରମର ଉନ୍ମୋଚନ ବେଳେ ୟୁରୋକିଡସର ପାଠ୍ୟକ୍ରମ ବିକାଶ ମୁଖ୍ୟ ଡଃ ଅନିତା ମଦାନ କହିଛନ୍ତି ଯେ, "'ହ୍ୟୁରେକା' ହେଉଛି ପ୍ରାରମ୍ଭିକ ଶିକ୍ଷାରେ ଏକ ପରିବର୍ତ୍ତନଶୀଳ ଉପାୟ। "ଏପିକ୍ସ" ଫ୍ରେମୱର୍କ ସହିତ ଆମେ କେବଳ ବୁଦ୍ଧିଗତ ମାନ୍ୟତା (ଆଇ-କ୍ୟୁ) ଉପରେ ଧ୍ୟାନ ଦେଉନାହୁଁ ବରଂ ଏକ ସୁଗଠିତ ବିକାଶକୁ ପ୍ରୋତ୍ସାହିତ କରୁଛୁ ଯାହା ଭାବନାତ୍ମକ, ଶାରୀରିକ, ସୃଜନଶୀଳ ଏବଂ ଆଧ୍ୟାତ୍ମିକ ମାନ୍ୟତାକୁ ଅନ୍ତର୍ଭୁକ୍ତ କରୁଛୁ। ଆମେ ଚାହୁଁଛୁ ଯେ ପିଲାମାନେ କେବଳ ପ୍ରଶ୍ନର ଉତ୍ତର ଦେବା ପରିବର୍ତ୍ତେ ଉତ୍ତରକୁ ମଧ୍ୟ ପ୍ରଶ୍ନ ସହିତ ଯୋଡ଼ନ୍ତୁ। ଏହି ପରିବର୍ତ୍ତନ ମାନସିକ, ସାମ୍ପ୍ରତିକ ବିଶ୍ଳେଷଣ ଏବଂ ଚାରିପାଖର ପୃଥିବୀ ସହିତ ଏକ ଗଭୀର ସଂଯୋଗ ପ୍ରଦାନ କରିବ।

# ଜେଲିଓ ଇ ମୋବିଲିଟି ପକ୍ଷରୁ ଗ୍ରେସିର ନୂତନ ସଂସ୍କରଣର ଶୁଭାରମ୍ଭ

ଭୁବନେଶ୍ୱର,୧୦।୯ (ନି.ପ୍ର) : ଭାରତର ଇଲେକଟ୍ରିକ ଦୁଇ ଚକିଆ ନିର୍ମାତା କମ୍ପାନୀ, ଜେଲିଓ ଇ ମୋବିଲିଟି ପକ୍ଷରୁ ଏହା ବହୁ ଚର୍ଚ୍ଚିତ ଲୋ-ସ୍ପିଡ ଇଲେକଟ୍ରିକ ସ୍କୁଟର ଗ୍ରେସିର ଫେସଲିଫ୍ଟ ସଂସ୍କରଣର ଶୁଭାରମ୍ଭ କରାଯାଇଛି। ବିଭିନ୍ନ ଯାତାୟତ ଆବଶ୍ୟକତାକୁ ଧ୍ୟାନରେ ରଖି, ଏହି ନୂଆ ଗ୍ରେସି ତିନି ପ୍ରକାରର ଭିନ୍ନ ଭିନ୍ନ ବ୍ୟାଟେରି ବିକଳ୍ପରେ ଉପଲବ୍ଧ। ଏହାର ଲିଥିୟମ-ଲୋନ ବ୍ୟାଟେରୀ ଭ୍ୟାରିଏଂଟ ୬୦ଭି / ୩୦ ଏଏଚର ମୂଲ୍ୟ ୬୬୦୦୦ (ଏକ୍ସ-ସୋରୁମ) ରହିଥିବାବେଳେ ଏହାର ରେଂଜ ୯୦-୧୦୦ କିମି ରହିଛି। ସେହିଭଳି ଜେଲ ବ୍ୟାଟେରୀ ଭ୍ୟାରିଏଂଟ ୬୦ଭି / ୩୨ ଏଏଚର ମୂଲ୍ୟ ୫୪୦୦୦ (ଏକ୍ସ-ସୋରୁମ) ରହିଥିବାବେଳେ ଏହାର ରେଂଜ ୮୦-୯୦ କିମି ରହିଛି ଅନ୍ୟପଟେ ୭୨ଭି / ୪୨ ଏଏଚର ମୂଲ୍ୟ ୫୮୫୦୦ (ଏକ୍ସ ସୋରୁମ) ରହିଥିବାବେଳେ ଏହାର ରେଂଜ ୧୩୦-୧୪୦ କିମି ରହିଛି। ଏହି ଶୁଭାରମ୍ଭ ସଂପର୍କରେ ମତ ଦେଇ ଜେଲିଓ ଇ ମୋବିଲିଟି ପକ୍ଷରୁ ଏହାର ଏମଡି ତଥା ସହ ପ୍ରତିଷ୍ଠାତା, ଶ୍ରୀ କୁନାଲ ଆର୍ଯ୍ୟା କହିଛନ୍ତି ଯେ, " ନୂତନ ରୂପରେ ଆସିଥିବା ଗ୍ରେସି ମାଧ୍ୟମରେ ଆମେ ଡିଜାଇନ , କାର୍ଯ୍ୟକ୍ଷମତା ଓ ନବୀନତାକୁ ଏକତ୍ର କରିଛୁ, ଯାହା ଭାରତୀୟ ଯାତ୍ରୀଙ୍କ ବଦଳୁଥିବା ଆବଶ୍ୟକତାକୁ ପୂରଣ କରିବ। ଆମ ଲକ୍ଷ ସ୍ପଷ୍ଟ ରହିଛି – ଇଲେକଟ୍ରିକ ମୋବିଲିଟିକୁ ଆକାଶ ଛୁଆଁ ନୁହେଁ ବରଂ ବ୍ୟବହାରିକ ଓ ସବୁଙ୍କ ପାଇଁ ସୁଲଭ କରିବା। " ଏହି ନୂଆ ସଂସ୍କରଣ ଖାସ କରି ବର୍ତମାନର ସିଟି ରାଇଡର୍ସଙ୍କ ପାଇଁ ପ୍ରସ୍ତୁତ କରାଯାଇଛି। ଯାହାକି ଦୈନନ୍ଦିନ ଜୀବନରେ ଆରାମ ଦାୟକ ଚାଳନାର ଅନୁଭୂତି ପ୍ରଦାନ କରିବ। ଏହି ନୂତନ ଗ୍ରେସି, ପୂର୍ବ ସଂସ୍କରଣ ଅପେକ୍ଷା ଅତ୍ୟାଧୁନିକ ଦକ୍ଷତା ସଂପନ୍ନ ଅଟେ। ଏଥିରେ ଅଧିକାଂଶ କମ୍ଫର୍ଟ ଏବଂ ଏଭଳି ଫିଚର ଦିଆଯାଇଛି ଯାହା ଛାତ୍ର, ବୃତିଗତ ବ୍ୟକ୍ତି ବିଶେଷ ଏବଂ ଡେଲିଭରି କର୍ମଚାରୀଙ୍କ ଦୈନନ୍ଦିନ ଆବଶ୍ୟକତାକୁ ପୂରଣ କରିପାରିବା ନିରପତା ଓ ସୁବିଧାଜନକ ଯାତ୍ରା ଅନୁଭୂତି ପାଇଁ ଗ୍ରେସିର ସାମ୍ନାରେ ଡିସ୍କ ବ୍ରେକ ଓ ପଛରେ ଡ୍ରମ ବ୍ରେକ ଦିଆଯାଇଛି।




# ହର୍ବାଲ ଲାଇଫ୍ ଇଣ୍ଡିଆକୁ ବିଗ୍ ବକ୍ସ ଇଣ୍ଡିଆରେ 'ସଷ୍ଟେନେବୁଲ୍ ସପ୍ଲାଏ ଚେନ୍ ପୁରସ୍କାର'

ଭୁବନେଶ୍ୱର,୧୦।୯ (ନି.ପ୍ର): ହର୍ବାଲ ଲାଇଫ୍ ଇଣ୍ଡିଆ, ଏକ ପ୍ରମୁଖ ସ୍ୱାସ୍ଥ୍ୟ ଏବଂ ସୁସ୍ଥତା କମ୍ପାନୀ, ଗୋଷ୍ଠୀ ଏବଂ ପ୍ଲାଟଫର୍ମ, ବିଗ୍ ବକ୍ସ ଇଣ୍ଡିଆରେ-୨୦୨୫ରେ 'ସଷ୍ଟେନେବୁଲ୍ ସପ୍ଲାଏ ଚେନ୍ ପୁରସ୍କାର' ହାସଲ କରିଛି। ଏହି ସମ୍ମିଳନୀ ଇ-କମର୍ସ ଏବଂ ଖୁଚୁରା କ୍ଷେତ୍ରରେ ଭାରତର ସବୁଠାରୁ ଉଦ୍ଭାବନକାରୀ ବ୍ୟକ୍ତିମାନଙ୍କୁ ନୂତନ ଧାରା ବିଷୟରେ ଆଲୋଚନା କରିବା ଏବଂ ଡିଜିଟାଲ୍ ଯୁଗରେ ଗ୍ରାହକମାନେ ବ୍ରାଣ୍ଡଗୁଡ଼ିକ ସହିତ କିପରି ଯୋଗାଯୋଗ କରିବେ ତାହା ନିର୍ଣ୍ଣୟ କରିବା ପାଇଁ ଏକତ୍ରିତ କରିଥିଲା।



ଏହି ମାନ୍ୟତା ଯୋଗାଣ ଶୃଙ୍ଖଳା ଉତ୍କର୍ଷତା ଏବଂ ପରିବେଶଗତ ଦାୟିତ୍ୱ ପ୍ରତି ହର୍ବାଲ ଲାଇଫ୍ ଇଣ୍ଡିଆର ପ୍ରତିବଦ୍ଧତାକୁ ଗୁରୁତ୍ୱ ପ୍ରଦାନ କରିଛି। ପ୍ଲାଟଫର୍ମର ସ୍ୱୀକୃତି ବିକଶିତ ବଜାର ଦୃଶ୍ୟପଟ ସହିତ ସ୍ଥାୟୀ ଅଭ୍ୟାସଗୁଡ଼ିକୁ ଏମ୍ବେଡିଂ କରିବା ଉପରେ କମ୍ପାନୀର ନିରନ୍ତର ଆହ୍ୱାନକୁ ପ୍ରତିଫଳିତ କରିଛି।

ଏହି ଅବସରରେ ହର୍ବାଲ ଲାଇଫ୍ ଇଣ୍ଡିଆର ପରିଚାଳନା ନିର୍ଦ୍ଦେଶକ ଅଜୟ ଖାନ୍ନା କହିଲେ, ଆମେ ଏପରି ଏକ ସମ୍ମାନଜନକ ପ୍ଲାଟଫର୍ମରେ ଏହି ମାନ୍ୟତା ପାଇଥିବାରୁ ଗର୍ବିତ। ଏହି ପୁରସ୍କାର ଆମର କାର୍ଯ୍ୟର ପ୍ରତ୍ୟେକ ପର୍ଯ୍ୟାୟରେ ଦାୟିତ୍ୱପୂର୍ଣ୍ଣ ସୋର୍ସିଂ ଠାରୁ ଆରମ୍ଭ କରି ଉତ୍ପାଦ ବିତରଣ ପର୍ଯ୍ୟନ୍ତ ସ୍ଥାୟୀତ୍ୱକୁ ଏମ୍ବେଡିଂ କରିବା ପାଇଁ ଆମର ଅଟଳ ପ୍ରୟାସର ପ୍ରମାଣ। ଏହା ନୈତିକ ବ୍ୟବସାୟିକ ଅଭ୍ୟାସ ପ୍ରତି ଆମର ପ୍ରତିବଦ୍ଧତା ଏବଂ ଲୋକ ଏବଂ ଗୋଷ୍ଠୀ ପାଇଁ ଏକ ସୁସ୍ଥ, ଅଧିକ ସ୍ଥାୟୀ ବିଶ୍ୱ ଗଠନ କରିବାର ଆମର ଦୃଷ୍ଟିକୋଣକୁ ମଧ୍ୟ ସୁଦୃଢ଼ କରିଥାଏ। ବିଗ୍ ବକ୍ସ ଇଣ୍ଡିଆ-୨୦୨୫ ଶିଖର ସମ୍ମିଳନୀ ଭାରତର ଗତିଶୀଳ ବଜାରର ଭବିଷ୍ୟତ ଅନୁସନ୍ଧାନ କରିବା ପାଇଁ ଖୁଚୁରା ଏବଂ ଇ-କମର୍ସ ନେତା, ନବସୃଜନକାରୀ ଏବଂ ପରିବର୍ତନକାରୀଙ୍କୁ ଏକତ୍ର କରିଥିଲା। ଏହି କାର୍ଯ୍ୟକ୍ରମରେ ଭିତିଭୂମି ଏବଂ ନିୟାମକ ଚ୍ୟାଲେଞ୍ଜଗୁଡ଼ିକୁ ସମାଧାନ କରିବା ସହିତ ସର୍ବପରିଚାଳନା ରଣନୀତି, ଦ୍ରୁତ ବାଣିଜ୍ୟ, ଇଓ-ଚାଳିତ ବ୍ୟକ୍ତିଗତକରଣ ଏବଂ ଉଦୀୟମାନ ଡି-୨-ଡି ମଡେଲଗୁଡ଼ିକୁ ଆଲୋକିତ କରାଯାଇଥିଲା। ଏହା ଜ୍ଞାନ ବଂଟନ, ସହଯୋଗ ଏବଂ ସହଭାଗୀତା ପାଇଁ ଏକ ପ୍ଲାଟଫର୍ମ ଭାବରେ କାର୍ଯ୍ୟ କରିଥିଲା, ଯାହା ବିକଶିତ ଖୁଚୁରା ଇକୋସିଷ୍ଟମରେ ସ୍ଥାୟୀ ଅଭିବୃଦ୍ଧି ଏବଂ ନବସୃଜନକୁ ଚଳାଇବା ପାଇଁ କାର୍ଯ୍ୟକ୍ଷମ ଅନ୍ତର୍ଦୃଷ୍ଟି ପ୍ରଦାନ କରିଥିଲା। ଏହି କାର୍ଯ୍ୟକ୍ରମରେ ହର୍ବାଲାଇଫ୍ ଇଣ୍ଡିଆର ସ୍ୱୀକୃତି ଖୁଚୁରା ଏବଂ ଇ-କମର୍ସ ବଜାର ମଧ୍ୟରେ ସ୍ଥାୟୀ ଅଭ୍ୟାସଗୁଡ଼ିକୁ ଚଳାଇବାରେ ଏହାର ନେତୃତ୍ୱକୁ ଗୁରୁତ୍ୱ ପ୍ରଦାନ କରିଥିଲା।

# ୨୩ରୁ ଆରମ୍ଭ ହେଉଛି ଆମାଜନ ଗ୍ରେଟ ଇଣ୍ଡିଆନ ଫେଷ୍ଟିଭାଲ

ଭୁବନେଶ୍ୱର,୧୦।୯ (ନି.ପ୍ର): ଆମାଜନ.ଇନ ପକ୍ଷରୁ ଆମାଜନ ଗ୍ରେଟ ଇଣ୍ଡିଆନ ଫେଷ୍ଟିଭାଲ୍ ସେପ୍ଟେମ୍ବର ୨୩, ୨୦୨୫ ରେ ଆରମ୍ଭ ହେବା ସମ୍ପର୍କରେ ଘୋଷଣା କରାଯାଇଛି। ପ୍ରାଇମ୍ ସଦସ୍ୟମାନେ ସପିଂ ଉତ୍ସବରେ ୨୪ ଘଂଟା ସ୍ୱତନ୍ତ୍ର ପ୍ରାରମ୍ଭିକ ପ୍ରବେଶ ପାଇବେ। ଗ୍ରାହକମାନେ ରୋମାଂଚକର ଡିଲ୍, ୧ ଲକ୍ଷରୁ ଅଧିକ ଉତ୍ପାଦର ଏକ ବିଶାଳ ଚୟନ ଉପରେ ବର୍ଷର ସର୍ବନିମ୍ନ ମୂଲ୍ୟ ଏବଂ ସାମସଙ୍ଗ, ଆପଲ୍, ଇଂଟେଲ୍, ଏଚପି, ଆସସ୍, ଟାଇଟନ୍, ଏଚପି, ଲିବାସ, ଲୋରିଆଲ୍ ଏବଂ ଅନ୍ୟାନ୍ୟ ପ୍ରମୁଖ ବ୍ରାଣ୍ଡରୁ ନୂତନ ଶୁଭାରମ୍ଭ ଲାଭ କରିପାରିବେ। ସ୍ମାର୍ଟଫୋନ୍ ଉପରେ ୪୦% ପର୍ଯ୍ୟନ୍ତ ରିହାତି; ଇଲେକ୍ଟ୍ରୋନିକ୍ସ, ଫ୍ୟାଶନ୍ ଏବଂ ସୌନ୍ଦର୍ଯ୍ୟ, ଘରୋଇ ରୋଷେଇ ଘର ଏବଂ ବାହାର ଜିନିଷ ଉପରେ ୮୦% ପର୍ଯ୍ୟନ୍ତ ରିହାତି; ଦୈନନ୍ଦିନ ଆବଶ୍ୟକତା ଉପରେ ୭୦% ପର୍ଯ୍ୟନ୍ତ ରିହାତି; ଟିଭି ଏବଂ ଘରୋଇ ଉପକରଣ ଉପରେ ୬୫% ରିହାତି; ଆମାଜନ୍ ଫ୍ରେସ, ଆଲେକ୍ସା ସହିତ ଇକୋ, ଫାୟାର ଟିଭି ଏବଂ କିଣ୍ଡିଲ୍ ଏବଂ ଆହୁରି ଅନେକ କିଛି ଉପରେ ୫୦% ରିହାତି ପାଇପାରିବେ। ଭାରତର ସମସ୍ତ କୋଣରୁ କ୍ଷୁଦ୍ର ଏବଂ ମଧ୍ୟମ ବ୍ୟବସାୟରୁ ଅନନ୍ୟ ଅଫର ସମେତ ୧୭ ଲକ୍ଷରୁ ଅଧିକ ବିକ୍ରେତା ହଜାର ହଜାର ଡିଲ୍ ଏବଂ ନୂତନ ଉତ୍ପାଦ ପ୍ରଦାନ କରୁଛନ୍ତି। ସେହିଭଳି ଏସବିଆଇ କ୍ରେଡିଟ୍ ଏବଂ ଡେବିଟ୍ କାର୍ଡ ଏବଂ ଇଏମଆଇ କାରବାର ଉପରେ ୧୦% ତୁରନ୍ତ ରିହାତି, ଅଗ୍ରଣୀ ବ୍ୟାଙ୍କଗୁଡ଼ିକରୁ ଆକର୍ଷଣୀୟ ଅଫର୍ ଏବଂ ଆମାଜନ୍ ପେ ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ୍ କାର୍ଡରେ ଅତିରିକ୍ତ କ୍ୟାସବ୍ୟାକ୍ ସହିତ, ଏହି ଆମାଜନ୍ ଗ୍ରେଟ୍ ଇଣ୍ଡିଆନ୍ ଫେଷ୍ଟିଭାଲରେ ସମସ୍ତଙ୍କ ପାଇଁ କିଛି ନା କିଛି ରହିଛି।



ଏ ସ ମ୍ପ ର୍କ ରେ ଆମାଜନ ଇଣ୍ଡିଆର ଭାଇସ୍ ପ୍ରେସିଡେଂଟ-କ୍ୟାଟେଗୋରୀ ସୌରଭ ଶ୍ରୀବାସ୍ତବ କହିଛନ୍ତି ଯେ "ଆମାଜନ ଗ୍ରେଟ୍ ଇଣ୍ଡିଆନ୍ ଫେଷ୍ଟିଭାଲ ଦେଶର ସବୁଠାରୁ ବଡ଼ ସପିଂ ଉତ୍ସବ ପାଇଁ ଗ୍ରାହକ, ବିକ୍ରେତା ଏବଂ ବ୍ରାଣ୍ଡକୁ ଏକାଠି କରି ଭାରତୀୟ ଉତ୍ସବର ଭାବନାକୁ ପାଳନ କରେ। ଏହି ବର୍ଷ, ଗ୍ରାହକମାନେ ଏକ ଲକ୍ଷ ଉତ୍ପାଦ ଉପରେ, ବ୍ଲକବଷ୍ଟର ଡିଲ୍, ରୋମାଂଚକର ନୂତନ ଶୁଭାରମ୍ଭ, ଆକର୍ଷଣୀୟ ମନୋରଞ୍ଜନ ଏବଂ ଅନେକ କିଛି ଉପରେ ବର୍ଷର ସର୍ବନିମ୍ନ ମୂଲ୍ୟ ପାଇଁ ଅପେକ୍ଷା କରିପାରିବେ। ଲକ୍ଷ ଲକ୍ଷ ଉତ୍ପାଦ ଉପରେ ଜିଏସଟି ହ୍ରାସ ସହିତ, ବିକ୍ରେତାମାନଙ୍କ ଦ୍ୱାରା ପୂର୍ବରୁ ଯୋଜନା କରାଯାଇଥିବା ରୋମାଂଚକର ଡିଲ୍ ସହିତ, ଗ୍ରାହକମାନେ ଏହି ଆମାଜନ ଗ୍ରେଟ୍ ଇଣ୍ଡିଆନ୍ ଫେଷ୍ଟିଭାଲରେ ମହାନ ସଂଚୟ ପାଇଁ ଆଶା କରିପାରିବେ।" ସେହିଭଳି ଅଭିନବ ସିଂହ, ଭାଇସ୍ ପ୍ରେସିଡେଂଟ - ଅପରେସନ୍ସ, ଆମାଜନ ଇଣ୍ଡିଆ ଏବଂ ଅଷ୍ଟ୍ରେଲିଆ କହିଛନ୍ତି, '୪୫ଟି ନୂତନ ଡେଲିଭରି ଷ୍ଟେସନର ଶୁଭାରମ୍ଭ, ଆମକୁ ଦେଶର ବିଭିନ୍ନ ସ୍ଥାନରେ ଗ୍ରାହକମାନଙ୍କୁ ଅଧିକ ଗତି ଏବଂ ବିଶ୍ୱସନୀୟତା ସହିତ ଖୁସି ପ୍ରଦାନ କରିବାକୁ ଅନୁମତି ଦିଏ, ଯେଉଁଥିରେ ଟିୟର ୨ ଏବଂ ୩ ସହର ମଧ୍ୟ ଅନ୍ତର୍ଭୁକ୍ତ।'

# ପଲିସୀବଜାର ରିପୋର୍ଟ: ଭାରତରେ ବରିଷ୍ଠ ନାଗରିକମାନେ କିଭଳି ସ୍ୱାସ୍ଥ୍ୟ ବୀମା ଖରିଦ କରୁଛନ୍ତି

ମୁମ୍ବାଇ,୧୦।୯ : ପଲିସୀବଜାର ତଥ୍ୟ ଅନୁଯାୟୀ ମହାମାରୀ ପରବର୍ତ୍ତୀ ସମୟରେ ବରିଷ୍ଠ ନାଗରିକ ସ୍ୱାସ୍ଥ୍ୟ ବୀମା ଗ୍ରହଣୀୟତା ପ୍ରାୟ ୫୦-୬୦% ସିଏଜିଆର୍‌ରେ ବୃଦ୍ଧିପାଇଛି। ୧୦ଟି ସ୍ୱାସ୍ଥ୍ୟ ବୀମା ପଲିସୀ ମଧ୍ୟରୁ ପ୍ରାୟ ୬ଟି ୬୦-୬୫ ବର୍ଷ ବୟସ୍କ ବ୍ୟକ୍ତି କ୍ରୟ କରୁଛନ୍ତି ଏବଂ ସଚେତନତା ଓ ସ୍ୱାସ୍ଥ୍ୟ ଆପଦ ବୃଦ୍ଧି କାରଣରୁ ୬୬-୭୦ ବର୍ଷ ବୟସ ବର୍ଗରେ ଲଗାତର ବୃଦ୍ଧି ସହିତ ଏହି ବୟସ ବର୍ଗ କେବଳ ସମସ୍ତ ସ୍ୱାସ୍ଥ୍ୟ ବୀମା କ୍ରୟ କ୍ଷେତ୍ରରେ ୫୭% ରହିଛନ୍ତି। ସିଦ୍ଧାର୍ଥ ସିଂଘଲ, ବିଜିନେସ୍ ହେଡ- ହେଲ୍‌ଥ ଇନ୍‌ସ୍ୟୁରାନ୍ସ, ପଲିସୀବଜାର ଡଟ୍ କମ୍ କହିଥିଲେ, "ଭାରତର ବରିଷ୍ଠ ନାଗରିକଗଣ ସ୍ୱାସ୍ଥ୍ୟବୀମାର କିଭଳି ନିକଟବର୍ତ୍ତୀ ହେଉଛନ୍ତି ସେଥିରେ ଆମେ ଉଲ୍ଲେଖନୀୟ ସ୍ଥାନାନ୍ତରଣ ଦେଖିବାକୁ ପାଉଛୁ। ସମ୍ପ୍ରତି ବରିଷ୍ଠ ନାଗରିକମାନେ ଶୀଘ୍ର ବୀମା କରାଉଛନ୍ତି ଏବଂ ସେମାନେ ଅଧିକ ଅଙ୍କର ବୀମା କରାଇବା ସହିତ ସ୍ମାର୍ଟ ପସନ୍ଦ କରୁଛନ୍ତି। ତଥ୍ୟରୁ ଜଣାଯାଇଛି ଯେ, ୬୦ରୁ ୬୫ ବର୍ଷର ବୟସ ବର୍ଗରେ ପ୍ରତି ୧୦ ଜଣଙ୍କ ମଧ୍ୟରେ ପ୍ରାୟ ୬ ଜଣ ପଲିସୀ କ୍ରୟ କରୁଛନ୍ତି। ଗତ ମାତ୍ର ତିନିବର୍ଷ ମଧ୍ୟରେ ସୁପର ଟପ୍-ଅପ୍ ସଂଖ୍ୟା ଦ୍ୱିଗୁଣିତ ହୋଇଛି। ଏଥିସହିତ ସମ୍ପ୍ରତି ୪୦%ରୁ ଅଧିକ ପୂର୍ବରୁ ରହିଥିବା ରୋଗଗୁଡିକ ନିମନ୍ତେ ଡେ-୧ କଭରେଜ ଚାହୁଁଛନ୍ତି। ବରିଷ୍ଠ ନାଗରିକମାନେ ଅଧିକ ଭଲ ମୂଲ୍ୟ ଏବଂ ଫାଇଦା ଆବଶ୍ୟକ କରୁଥିବାରୁ ପୋର୍ଟେବିଲିଟିରେ ମଧ୍ୟ ୬୦%ରୁ ଅଧିକ ବୃଦ୍ଧି ଘଟିଛି। ଏହି ସମସ୍ତ ଅନ୍ତର୍ଦୃଷ୍ଟି ଏହା ପ୍ରଦର୍ଶିତ କରୁଛି ଯେ ସେମାନଙ୍କର ସ୍ୱାସ୍ଥ୍ୟଯତ୍ନ ଆବଶ୍ୟକତା ପରିଚାଳନା କରିବା ନିମନ୍ତେ ସେମାନଙ୍କ ମଧ୍ୟରେ ବର୍ଦ୍ଧିତ ସଚେତନତା ଏବଂ ପ୍ରସ୍ତୁତି ଭାବ ସୃଷ୍ଟି ହୋଇଛି। ନବୋନ୍ମେଷୀ ସମାଧାନ, ବୃହତ୍ତର କଭରେଜ ଏବଂ କଲ୍ୟାଣ-ଆଧାରିତ ରାଇଡରଗୁଡିକ ସହିତ ବୀମାକ୍ଷେତ୍ର ବରିଷ୍ଠ ନାଗରିକମାନଙ୍କ ନିମନ୍ତେ ସେମାନଙ୍କୁ ନିଜର ସୁରକ୍ଷା ଦେବା ସହିତ ବୃହତ୍ତର ମାନସିକ ଶାନ୍ତି ଉପଭୋଗ କରିବା ସହଜ କରି ଗଢିତୋଳୁଛି।"

ବରିଷ୍ଠ ନାଗରିକଙ୍କ ମଧ୍ୟରୁ ୧୫-୨୦% ସେମାନଙ୍କ ପ୍ରିମିୟମକୁ ସୁଲଭ କରିବା ପାଇଁ ୨-୩ ଲକ୍ଷ ଟଙ୍କା ମଧ୍ୟରେ ଡିଡକ୍ଟିବଲ୍‌କୁ ପସନ୍ଦ କରୁଛନ୍ତି। ୩ ଜଣ ବରିଷ୍ଠ ନାଗରିକଙ୍କ ମଧ୍ୟରୁ ପ୍ରାୟ ଜଣେ ସମ୍ପ୍ରତି ସୁପର୍ ଟପ୍-ଅପ୍‌କୁ ବାଛୁଛନ୍ତି। ଏହି ଗ୍ରହଣୀୟତା ୨୦୨୨ରେ ୧୭% ଥିବାବେଳେ ୨୦୨୪ରେ ତାହା ୩୧%କୁ ବୃଦ୍ଧିପାଇଛି ଏବଂ ଏହା ବରିଷ୍ଠ ନାଗରିକମାନେ ପ୍ରଶସ୍ତ କଭରେଜ୍‌କୁ ଅଧିକ ପ୍ରିମିୟମ ବିନା ଦେୟରେ ପସନ୍ଦ କରୁଥିବା ପ୍ରଦର୍ଶନ କରୁଛି। ପ୍ରାୟ ୧୨% ବରିଷ୍ଠ ନାଗରିକ ନବୀକରଣ ସମୟରେ ମିଳିତ-ଦେୟ ପ୍ଲାନକୁ ରୂପାନ୍ତରିତ ହେଉଛି। ଏହା ବରିଷ୍ଠ ନାଗରିକମାନଙ୍କୁ ଚିକିତ୍ସା ବାବଦ ଖର୍ଚ୍ଚର କ୍ଷୁଦ୍ର ଅଂଶ ପ୍ରଦାନ କରିବାକୁ ଅନୁମତି ଦେଉଛି ଏବଂ ସେହି ସମୟରେ ବୀମାକାରୀ ଅବଶିଷ୍ଟ ବହନ କରୁଛନ୍ତି ଏବଂ ଏହା ସେମାନଙ୍କ ପ୍ରିମିୟମ ଚଳନୀୟ ସ୍ଥିତିରେ ରଖିବାରେ ସହାୟତା କରୁଛି।

# ଗ୍ରିଭସ ଇଲେକ୍ଟ୍ରିକ ମୋବିଲିଟି ପକ୍ଷରୁ ଏଲଟ୍ରା ସିଟି ଏକ୍ସଟ୍ରା ଉନ୍ମୋଚିତ

ଭୁବନେଶ୍ୱର,୧୦।୯ (ନି.ପ୍ର) : ଗ୍ରିଭସ କଟନ ଲିମିଟେଡର ଇ-ଗମନାଗମନ ଶାଖା ଗ୍ରିଭସ ଇଲେକ୍ଟ୍ରିକ ମୋବିଲିଟି ଲିମିଟେଡ (ଜିଇଏମଏଲ) ପକ୍ଷରୁ ଲୋକପ୍ରିୟ ଗ୍ରିଭସ ଏଲଟ୍ରା ସିଟିର ଏକ ଉନ୍ନତ ଭାରିଆଂଟ ସମ୍ପୂର୍ଣ୍ଣ ନୂଆ ଗ୍ରିଭସ ଏଲଟ୍ରା ସିଟି ଏକ୍ସଟ୍ରା ଉନ୍ମୋଚନ କରାଯାଇଛି। ସହରାଂଚଳ ଗମନାଗମନ ଆବଶ୍ୟକତା ପୂରଣ କରିବା ଲାଗି ପ୍ରସ୍ତୁତ କରାଯାଇଥିବା ଏଲଟ୍ରା ସିଟି ଏକ୍ସଟ୍ରାରେ ରେଂଜ, ସୁରକ୍ଷା ଓ ପ୍ରଯୁକ୍ତି ଆଦି ସବୁଥିରେ କିଛି ଅତିରିକ୍ତ ବା ଏକ୍ସଟ୍ରା ରହିଛି। ପ୍ରଦର୍ଶନ, ପ୍ରଯୁକ୍ତି, ବିଶ୍ୱାସ ଓ ସୁରକ୍ଷାର ଏକ ଚମତ୍କାର ମିଶ୍ରଣକୁ ନେଇ ଏଲଟ୍ରା ସିଟି ଏକ୍ସଟ୍ରା ସହରାଂଚଳରେ ଦୈନନ୍ଦୀନ ଗମନାଗମନକୁ ଉନ୍ନତ କରିବାକୁ ଚାହୁଁଛି। ଏହା ୧୭୦ କିଲୋମିଟରର ବାସ୍ତବ ରେଂଜ, ପାୱାର ମୋଡରେ ୬୦ କେଏମପିଏଚର ଶୀର୍ଷ ସ୍ପିଡ, ଡିଷ୍ଟାନ୍ସ ଟୁ ଏମ୍ପଟି (ଡିଟିଇ) ଓ ନାଭିଗେସନ ସୁବିଧା ଥିବା ଏକ ୬.୨ ପିଏମଭିଏ ଡିଜିଟାଲ କ୍ଲଷ୍ଟର ପ୍ରଦାନ କରୁଛି ଯାହାର ଲକ୍ଷ୍ୟ ହେଉଛି ସହରରେ ଗମନାଗମନକୁ ଦ୍ରୁତ, ସହଜ କରିବା। ବାସ୍ତବ ଦୁନିଆ ପରିବେଶକୁ ନଜରରେ ରଖି ପ୍ରସ୍ତୁତ କରାଯାଇଥିବା ଏହି ଗାଡ଼ିରେ ଉନ୍ନତ ଗ୍ରାଉଣ୍ଡ କ୍ଲିୟରାନ୍ସ ଓ ଆରାମ ପାଇଁ ୧୨ ଇଂଚର ରାଡିଆଲ ଟ୍ୟୁବଲେସ ଟାୟାର ବ୍ୟବହାର କରାଯାଇଛି। ଗୋଟିଏ ଥର ଚାର୍ଜରେ ଏଲଟ୍ରା ସିଟି ଏକ୍ସଟ୍ରା ବାଙ୍ଗାଲୋରରୁ ରାଣୀପେଟ ପର୍ଯ୍ୟନ୍ତ ୩୨୪ କିମି ଯାତ୍ରା କରି ଉଲ୍ଲେଖନୀୟ ଉପଲବ୍ଧି ହାସଲ କରିଛି। ଫଳରେ ସେହି ଐତିହାସିକ ଯାତ୍ରା ଦେଶର ସର୍ବାଧିକ ରେଂଜ ଇଲେକ୍ଟ୍ରିକ ତିନିଚକିଆ ଯାନ ଭାବେ ଇଣ୍ଡିଆ ବୁକ ଅଫ ରେକର୍ଡରେ ସାମିଲ ହୋଇଛି।



# ସୋଆ ଯୁବ ସାହିତ୍ୟ ପୁରସ୍କାର-୨୦୨୫ ପାଇଁ ପୁସ୍ତକ ଆମନ୍ତ୍ରଣ

ଭୁବନେଶ୍ୱର , ୧୦।୯ (ନି.ପ୍ର) : ଓଡ଼ିଆ ସାହିତ୍ୟର ପ୍ରତିଶ୍ରୁତି ସମ୍ପନ୍ନ ଯୁବ ସାହିତ୍ୟିକଙ୍କୁ ସମ୍ମାନ ଓ ସ୍ୱୀକୃତି ପ୍ରଦାନ କରିବା ଉଦ୍ଦେଶ୍ୟରେ ଚଳିତବର୍ଷରୁ ଶିକ୍ଷା ଓ ଅନୁସନ୍ଧାନ ବିଶ୍ୱବିଦ୍ୟାଳୟ (ସୋଆ) 'ସୋଆ ଯୁବ ସାହିତ୍ୟ ପୁରସ୍କାର ପ୍ରଦାନ ନିମନ୍ତେ ସିଦ୍ଧାନ୍ତ ନେଇଛି। ୪୦ ବର୍ଷ ବୟସ ସୀମା ମଧ୍ୟରେ ସାହିତ୍ୟ କ୍ଷେତ୍ରରେ ନୂତନ ସମ୍ଭାବନା ସୃଷ୍ଟି କରିଥିବା ଲେଖକ ଲେଖିକାଙ୍କର କବିତା, କଥା ସାହିତ୍ୟ, ନାଟକ ଓ ସାହିତ୍ୟ ସମାଲୋଚନା ଭଳି ସାହିତ୍ୟର ବିଭିନ୍ନ ବିଭାଗରେ ରଚିତ ସ୍ୱତନ୍ତ୍ର ସୃଜନଶୀଳ କାର୍ଯ୍ୟକୁ ସମ୍ମାନିତ କରାଯିବ। ଏହି ପୁରସ୍କାର ସ୍ୱରୂପ ଏକ ଲକ୍ଷ ଟଙ୍କାର ଅର୍ଥ ରାଶି, ଉତରୀୟ ଏବଂ ମାନପତ୍ର ପ୍ରଦାନ କରାଯିବ। ଏଥି ନିମନ୍ତେ ଗତ ୫ ବର୍ଷ (୨୦୨୦ ଠାରୁ ୨୦୨୪) ମଧ୍ୟରେ ପ୍ରକାଶିତ ମୌଳିକ ଏବଂ ଶ୍ରେଷ୍ଠ ପୁସ୍ତକକୁ ବିଚାରକୁ ନିଆଯିବ। ଜାନୁଆରୀ ୧, ୨୦୨୫ ସୁଦ୍ଧା ଯେଉଁମାନଙ୍କ ବୟସ ୪୦ ବର୍ଷ ବା ତା' ଠାରୁ କମ୍ ସେମାନେ ଆବେଦନ କରିପାରିବେ। ସ୍ୱୟଂ ଲେଖକ ବା ପକାଶକ ପୁସ୍ତକ ଦାଖଲ କରିପାରିବେ। ପୁସ୍ତକର ଦୁଇଟି ପ୍ରତିଲିପି ସହିତ ଲେଖକଙ୍କ ସଂକ୍ଷିପ୍ତ ପରିଚୟ, ଜନ୍ମ ତାରିଖର ସ୍ୱ-ସ୍ୱାକ୍ଷରିତ ପ୍ରମାଣପତ୍ର (ଆଧାର କାର୍ଡ, ପାସପୋର୍ଟ, ଡ୍ରାଇଭିଂ ଲାଇସେନ୍ସ ବା ଭୋଟର ଆଇଡି) ପଠାଇବା ଆବଶ୍ୟକ। ପ୍ରକାଶକଙ୍କ ପକ୍ଷରୁ ପଠାଗଲେ ଲେଖକଙ୍କ ବୟସ ସ୍ଥିର କରିଥିବା ଶପଥପତ୍ର ଦେବା ଆବଶ୍ୟକ।

ଅକ୍ଟୋବର ୭, ୨୦୨୫ ସୁଦ୍ଧା ପୁସ୍ତକ 'ପ୍ରଫେସର ଓ ମୁଖ୍ୟ, ପ୍ରାଚୀନ, ଜେ-୧୫, ଶିକ୍ଷା ଓ ଅନୁସନ୍ଧାନ, ଖଣ୍ଡଗିରି, ଭୁବନେଶ୍ୱର-୩୦, ଓଡ଼ିଶା ଠିକଣାରେ ପଠାଇବାକୁ ଆହ୍ୱାନ କରାଯାଉଛି।

# ଆଦାନୀ ଫାଉଣ୍ଡେସନର ଉଡାନ କାର୍ଯ୍ୟକ୍ରମ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଛାତ୍ରଛାତ୍ରୀଙ୍କୁ ପ୍ରେରଣା

ଧାମରା,୧୦।୯ (ନି.ପ୍ର) : ଯୁବ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଭବିଷ୍ୟତ କ୍ୟାରିୟର ଗଠନ ତଥା ନୂତନ ଜ୍ଞାନ କୌଶଳ ବୃଦ୍ଧି ଦିଗରେ ପ୍ରେରଣା ଯୋଗାଇବା ପାଇଁ ଆଦାନୀ ଗ୍ରୁପର ସିଏସ୍ଆର୍ ବିଭାଗ, ଆଦାନୀ ଫାଉଣ୍ଡେସନ ପକ୍ଷରୁ ୨୦୨୫-୨୬ ବର୍ଷ ପାଇଁ 'ଉଡାନ' କାର୍ଯ୍ୟକ୍ରମ ଆରମ୍ଭ କରାଯାଇଛି। ଏହି ପ୍ରକଳ୍ପ ମାଧ୍ୟମରେ ଆଦାନୀ ଫାଉଣ୍ଡେସନ, ଶିକ୍ଷା ଭିତ୍ତିକ ଭ୍ରମଣ, ପ୍ରଶିକ୍ଷଣ ଶିବିର, କୌଶଳ ବିକାଶ ଭଳି ଓରିଏଣ୍ଟେସନ କାର୍ଯ୍ୟକ୍ରମଗୁଡ଼ିକ ଆୟୋଜନ କରି ଛାତ୍ରଛାତ୍ରୀମାନଙ୍କର ବ୍ୟାପକ ଅନୁଭୂତି, ଆତ୍ମବିଶ୍ୱାସ ଓ କ୍ଷମତା ବୃଦ୍ଧି କରିବାକୁ ଲକ୍ଷ୍ୟ ରଖିଛି। ଏହି କ୍ରମରେ ପ୍ରଥମଥର ପାଇଁ ସ୍ଥାନୀୟ ରମ୍ଭିଲା ସରକାରୀ ବିଦ୍ୟାଳୟର ୫୦ ଜଣ ଛାତ୍ରଛାତ୍ରୀ ୩ ଜଣ ଶିକ୍ଷକଙ୍କ ସହ ଆଦାନୀ ପୋର୍ଟ ଏବଂ ଏଲ୍ଏନ୍‌ଜି ଟର୍ମିନାଲ ପରିଦର୍ଶନରେ ଆସିଥିଲେ। ଏହି ଅଭିଜ୍ଞତା ଛାତ୍ରଛାତ୍ରୀମାନଙ୍କୁ ବୃହତ୍ତ ପ୍ରକଳ୍ପଗୁଡ଼ିକର ଭିତ୍ତିଭୂମି ପ୍ରତ୍ୟେକ୍ଷ ଭାବେ ନିରୀକ୍ଷଣ କରିବା ସହ ଜ୍ଞାନ ହାସଲ କରିଥିଲେ। ବର୍ଷକ ମଧ୍ୟରେ ଆଦାନୀ ଫାଉଣ୍ଡେସନ ପକ୍ଷରୁ ପୋର୍ଟ ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକରୁ ସରକାରୀ ଓ ବେସରକାରୀ ଶିକ୍ଷାନୁଷ୍ଠାନ ପାଇଁ ୧୨୦ ଟି ପରିଦର୍ଶନ ଯୋଜନା କରାଯାଇଛି। ଯୁବ ଶିକ୍ଷାର୍ଥୀଙ୍କ ଦୃଷ୍ଟିକୋଣକୁ ବ୍ୟାପକ କରିବା ସହ ସେମାନଙ୍କ ମଧ୍ୟରେ ଆତ୍ମବିଶ୍ୱାସ ବୃଦ୍ଧି ଏବଂ ବଡ଼ ସ୍ୱପ୍ନ ଦେଖିବା ପାଇଁ ପ୍ରୋତ୍ସାହିତ କରିବା ଥିଲା ଏହି ଏକ୍ସପୋଜର ପରିଦର୍ଶନ ମୁଖ୍ୟ ଉଦ୍ଦେଶ୍ୟ। ଧାମରା ପୋର୍ଟ ପ୍ରତିନିଧିମାନେ 'ପ୍ରକଳ୍ପ ଉଡାନ' ବିଷୟରେ ବିସ୍ତୃତ କରି କହିଥିଲେ ଯେ, ଏହା କେବଳ ଏକ ପରିଦର୍ଶନ କାର୍ଯ୍ୟକ୍ରମ ନୁହେଁ, ବରଂ ଯୁବପିଢିଙ୍କୁ ବିଶ୍ୱସ୍ତରୀୟ ଶିଳ୍ପ ଭିତ୍ତିଭୂମି ସହିତ ପରିଚିତ କରାଇବାର ଏକ ସଂଗଠିତ ପ୍ରୟାସ। ଏହି ପ୍ରକଳ୍ପ ମାଧ୍ୟମରେ ଛାତ୍ରଛାତ୍ରୀମାନେ ପୋର୍ଟର ବିଭିନ୍ନ ସୁବିଧା, ପ୍ରଯୁକ୍ତି, ସୁରକ୍ଷା ବ୍ୟବସ୍ଥା ଏବଂ ନୂତନ ପରିଚାଳନା ପ୍ରଣାଳୀକୁ ପ୍ରତ୍ୟେକ୍ଷ ଭାବେ ଦେଖିବା ଓ ବୁଝିବାର ସୁଯୋଗ ପାଉଛନ୍ତି। ଦେଶର ଶିଳ୍ପ ବିକାଶ, ରୋଜଗାର ସୃଷ୍ଟି ଓ ଆର୍ଥିକ ଅଭିବୃଦ୍ଧିରେ ପୋର୍ଟ ତଥା ଅନ୍ୟାନ୍ୟ ବୃହତ୍ ପ୍ରକଳ୍ପଗୁଡ଼ିକର ଭୂମିକା ବୁଝିପାରୁଛନ୍ତି। କୌତୁହଳ, ମହତ୍ୱାକାଂକ୍ଷା ସୃଷ୍ଟି କରି 'ପ୍ରକଳ୍ପ ଉଡାନ' ଯୁବପିଢିଙ୍କୁ ଭବିଷ୍ୟତରେ ଜଣେ ଜଣେ ଉଦ୍ୟୋଗପତି ଲିଡର, ଉଦ୍ଭାବକ ଏବଂ ରାଷ୍ଟ୍ର ନିର୍ମାତା ଭାବେ ପ୍ରସ୍ତୁତ କରିବାରେ ସହାୟତା କରିବ। ଏହି କାର୍ଯ୍ୟକ୍ରମରେ ମନୋଭାବ, ସ୍ୱାଧୀନ ଚିନ୍ତାଧାରା, ପ୍ରାୟୋଗିକ ଜ୍ଞାନ ଓ ଦୃଷ୍ଟିକୋଣ ବୃଦ୍ଧି ପାଇଥାଏ। ଏପର୍ଯ୍ୟନ୍ତ ପାର୍ଶ୍ୱବର୍ତ୍ତୀ ଗ୍ରାମଗୁଡ଼ିକରୁ ୧୨,୩୨୧ ଜଣ ଛାତ୍ରଛାତ୍ରୀ ପୋର୍ଟ ପରିଦର୍ଶନର ସୁବିଧା ପାଇ ପାରିଛନ୍ତି।





# ସବୁ ପୂଜା କମିଟି ସିଙ୍ଗଲ ୱିଣ୍ଡୋ ସିଷ୍ଟମର ସୁବିଧା ନେବାପାଇଁ ଆଉ ଗୋଟିଏ ଦିନ ଦେଲେ ଜିଲ୍ଲାପାଳ



କଟକ,୧୦।୯ (ନି.ପ୍ର) : ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ଚଳିତ ଥର ଐତିହ୍ୟପୂର୍ଣ୍ଣ କଟକ ସହରରେ ଶାରଦୀୟ ଦୁର୍ଗାପୂଜା ଓ ଭସାଣୀ ଉତ୍ସବ-୨୦୨୫ ଶାନ୍ତିଶୃଙ୍ଖଳା ଓ ଚିତ୍ତାକର୍ଷକ ଭାବେ ପାଳନ କରିବା ଉପରେ ମତପ୍ରକାଶ ପାଇଛି । ଆଜି ଅପରାହ୍ନରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟଦ୍ୱାରା ଶହିଦ ଭବନଠାରେ ଆୟୋଜିତ ବୈଠକରେ ଜିଲ୍ଲାପାଳ ଏବଂ ଜିଲ୍ଲା ମାଜିଷ୍ଟ୍ରେଟ ଶ୍ରୀ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ଅଧ୍ୟକ୍ଷତା କରି ସହରାଂଚଳ ଦୁର୍ଗାପୂଜା ନିମନ୍ତେ ଜନସାଧାରଣଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଇ ସତର୍କତାମୂଳକ ଭାବେ ପାର୍ବଣ ପାଳନ କରିବା ଉପରେ ଗୁରୁତ୍ୱ ପ୍ରଦାନ କରିଛନ୍ତି । ବିଶେଷକରି ସର୍ବସାଧାରଣ ରାସ୍ତାକୁ ଅବରୋଧମୁକ୍ତ ରଖି ତୋରଣ ନିର୍ମାଣ, ୫୦ ମିଟର ଦୂରତା ପର୍ଯ୍ୟନ୍ତ ରାସ୍ତା ଉପରେ ଲାଇଟ୍ ସାଜସଜ୍ଜା, ସମସ୍ତ ପୂଜାମଣ୍ଡପ ଓ ତୋରଣ ପାଇଁ ସୁରକ୍ଷା ପ୍ରମାଣପତ୍ର, ଅଗ୍ନିଶମ ପ୍ରମାଣପତ୍ର, ବିଦ୍ୟୁତ୍ ପ୍ରମାଣପତ୍ର ପାଇଁ ସିଙ୍ଗଲ ୱିଣ୍ଡୋ କମିଟିର ଅନାପତି ପ୍ରମାଣପତ୍ର ହାସଲ କରିବାକୁ ବାଧ୍ୟତାମୂଳକ କରାଯାଇଥିବା ଜିଲ୍ଲାପାଳ କହିଛନ୍ତି । ସହରର ବିଭିନ୍ନ ସ୍ଥାନରେ କେବଳ ଆବେଦନ କରିଥିବା ପୂଜା କମିଟିଙ୍କୁ ମାନ୍ୟବର ହାଇକୋର୍ଟଙ୍କ ନିର୍ଦ୍ଦେଶାବଳୀ ଅନୁଯାୟୀ ଗେଟ୍ ନିର୍ମାଣ ପାଇଁ ଅନୁମତି ପ୍ରଦାନ କରାଯିବ । ବର୍ଦ୍ଧିତ ଅବଧି ସତ୍ତ୍ୱେ ୧୧୭ଟି ପୂଜା କମିଟି ସିଙ୍ଗଲ ୱିଣ୍ଡୋ ମାଧ୍ୟମରେ ଆବେଦନ କରିଛନ୍ତି । ବିଭିନ୍ନ ପୂଜା କମିଟି ଓ ଶାନ୍ତି କମିଟିର ଅନୁରୋଧ କ୍ରମେ ଆସନ୍ତା ୧୩ ତାରିଖ ଶନିବାର ବାରବାଟୀ ପ୍ୟାଲେସଠାରେ ସକାଳ ୧୧ ଘଟିକାଠାରୁ ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥା ଗୋଟିଏ ଦିନ ପାଇଁ ପୁନର୍ବାର କାର୍ଯ୍ୟକ୍ଷମ ରଖିବା ନିମନ୍ତେ ଜିଲ୍ଲାପାଳ ଅନୁମୋଦନ କରିଛନ୍ତି । ପୂର୍ବବର୍ଷ ଭଳି ଚଳିତ ଥର ମଧ୍ୟ ଲେଜର ଲାଇଟ ଓ ଡିଜେକୁ ସମ୍ପୂର୍ଣ୍ଣ ନିଷେଧ କରାଯାଇଛି । ସହରର ସମସ୍ତ ରାସ୍ତାଘାଟ ମରାମତି, ଡ୍ରେନେଜ୍ ସଫେଇ, ଗଛ ଓ ବୁଦା କଟେଇ ଆଦି କାର୍ଯ୍ୟ ଆସନ୍ତା ୨୩ ତାରିଖ ସୁଦ୍ଧା ଶେଷ କରାଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରଯାଇଥିବା କଟକ ମହାନଗର ନିଗମ କମିଶନର ସୁଶ୍ରୀ କିରନଦୀପ କୌର ସହୋତା କହିଛନ୍ତି । ରାସ୍ତାରେ ଓହଳି ରହିଥିବା କେବୁଲ ତାର ଓ ବୈଦ୍ୟୁତିକ ତାର ହଟାଇବା ପାଇଁ ଆସନ୍ତା ୧୫ ତାରିଖରେ ଏକ ବୈଠକ ରଖାଯାଇଥିବା କମିଶନର କହିଛନ୍ତି । ସହରର ବିଭିନ୍ନ ସ୍ଥାନରେ ଡଷ୍ଟବିନ ଯୋଗାଇ ଦିଆଯିବ । ଏତଦବ୍ୟତୀତ ବିଭିନ୍ନ ଶୌଚାଳୟ ଗୁଡିକର ମରାମତି କରାଯିବା ସହ ଆବଶ୍ୟକ ମୋବାଇଲ ଟଏଲଟ ଯୋଗାଇ ଦେବା ପାଇଁ ଆବଶ୍ୟକ ପଦକ୍ଷେପ ନିଆଯିବ । ମୃଣ୍ମୟୀ ପ୍ରତିମାଗୁଡିକର ସୁବିଧାଜନକ ବିସର୍ଜନ ନିମନ୍ତେ ଦେବୀଗଡାଠାରେ ତିନିଟି ଅସ୍ଥାୟୀ ଜଳାଶୟ ନିର୍ମାଣ କରାଯିବ ବୋଲି ସେ ସୂଚନା ଦେଇଛନ୍ତି । ଚୌଦ୍ୱାର କଟକ ବିଧାୟକ ଶ୍ରୀ ସୌଭିକ ବିଶ୍ୱାଳ ପୂଜା ସମୟରେ ପରିଛନ୍ନତା ଉପରେ ବିଶେଷ ଗୁରୁତ୍ୱାରୋପ କରି ସ୍ୱଚ୍ଛ ପାନୀୟ ଜଳ ଯୋଗାଣ, ସହରରେ ଥିବା ବିଦ୍ୟୁତ ଖୁଂଟଗୁଡିକରେ ଝୁଲି ରହିଥିବା ଅକାମୀ କେବୁଲଗୁଡିକର ସ୍ଥାୟୀ ଭାବରେ ଅପସାରଣ, ତୋରଣଗୁଡିକ ଅତି ବେଶୀରେ ୧୦ରୁ୧୫ ଦିନ ମଧ୍ୟରେ ଖୋଲାଯିବା ଦିଗରେ ପଦକ୍ଷେପ ନେବାକୁ ସେ ପ୍ରସ୍ତାବ ବାଢିଥିଲେ । କଟକ ମହାନଗର ନିଗମ ମେୟର ଶ୍ରୀ ସୁବାସ ଚନ୍ଦ୍ର ସିଂହ କଟକ ନଗର ଦୁର୍ଗାପୂଜା ନିମନ୍ତେ ମହାନଗର ନିଗମ ତରଫରୁ ସ୍ୱତନ୍ତ୍ର ଧ୍ୟାନ ଦିଆଯାଇ ଆବଶ୍ୟକୀୟ ସହଯୋଗ ଯୋଗାଇ ଦିଆଯିବାକୁ ପ୍ରତିଶ୍ରୁତି ରଖିଥିଲେ । କଟକ ମହାନଗର ପୂଜା କମିଟି ସାଧାରଣ ସମ୍ପାଦକ ତଥା ପୂର୍ବତନ ବିଧାୟକ,ଶ୍ରୀ ପ୍ରଭାତ କୁମାର ତ୍ରିପାଠୀ ସଭା ପରିଚାଳନା କରି ଚଳିତ ବର୍ଷ ଦୁର୍ଗାପୂଜା ପାଳନ ପାଇଁ ସମସ୍ତ ପୂଜା କମିଟି ପ୍ରଶାସନ ପକ୍ଷରୁ ପୁନଶ୍ଚ ଖୋଲାଯାଇଥିବା ସିଙ୍ଗଲ ୱିଣ୍ଡୋ ବ୍ୟବସ୍ଥାର ସୁଯୋଗ ନେଇ ମାନ୍ୟବର ଉଚ୍ଚ ନ୍ୟାୟାଳୟଙ୍କ ନିର୍ଦ୍ଦେଶାବଳି ପାଳନ ପୂର୍ବକ ସୁଚାରୁରୂପେ ଦୁର୍ଗାପୂଜା ପାଳନ କରିବାକୁ ପରାମର୍ଶ ଦେଇଥିଲେ । ପ୍ରକାଶ ଥାଉକି, କଟକ ମହାନଗର ଶାନ୍ତି କମିଟି ସଭାପତି ଶ୍ରୀ ଦେବେନ୍ଦ୍ରନାଥ ସାହୁ ମତାମତ ରଖିଥିବା ବେଳେ ସମ୍ପାଦକ ଶ୍ରୀ ଭିକାରୀ ଦାସ କମିଟି ପକ୍ଷରୁ ଗୃହୀତ ପ୍ରସ୍ତାବ ପାଠ କରିଥିଲେ। ସେହିଭଳି ମହାନଗର ପୂର୍ବାଞ୍ଚଳ ଶାନ୍ତି କମିଟି ସଭାପତି ଶ୍ରୀ ବିଜୟ କୁମାର ସାହୁ ନିଜର ମତାମତ ରଖିଥିଲେ ଏବଂ ସମ୍ପାଦକ,ଶ୍ରୀ ପ୍ରଫୁଲ୍ଲ କୁମାର ସାହୁ କମିଟି ପକ୍ଷରୁ ଗୃହୀତ ପ୍ରସ୍ତାବ ପାଠ କରିଥିଲେ। ସଭାରେ ଆଂଚଳିକ ଶାନ୍ତି କମିଟି କର୍ମକର୍ତ୍ତା ଏବଂ ଅଲିଶା ବଜାର, କାଜିବଜାର, ବାଲୁବଜାର, ଫିରିଙ୍ଗି ବଜାର ତଥା ଅନ୍ୟାନ୍ୟ ପୂଜା କିମଟିର ସଦସ୍ୟମାନେ ପୂଜା ପୂର୍ବରୁ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଜିଲ୍ଲା ପ୍ରଶାସନକୁ ଅବଗତ କରିଥିଲେ । ଆଜିର ଏହି ଦୁର୍ଗାପୂଜା ପ୍ରଶାସନିକ ପ୍ରସ୍ତୁତି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ମହାନଗର ନିଗମ ଡେପୁଟି ମେୟର, ସୁଶ୍ରୀ ଦମୟନ୍ତୀ ମାଝୀ ଯୋଗଦେଇଥିବା ବେଳେ ବରିଷ୍ଠ ନେତୃବୃନ୍ଦ ଶ୍ରୀ ନୟନ କିଶୋର ମହାନ୍ତି,ଶ୍ରୀ ସୁକାନ୍ତ ବିଶ୍ୱାଳ, ଶ୍ରୀ ମଧୁସୂଦନ ସାହୁ, ଶ୍ରୀ ସୁରେଶ ମହାପାତ୍ର, ଶ୍ରୀ ଅମରେନ୍ଦୁ ମହାନ୍ତି ପ୍ରମୁଖ ବୈଠକରେ ଉପସ୍ଥିତ ରହି ସମଗ୍ର ସହରରେ ଚଳିତ ବର୍ଷ ଦୁର୍ଗାପୂଜା ଉଭୟ ପ୍ରଶାସନ ଓ ପୂଜା କମିଟିମାନଂକ ସହୋଯୋଗରେ ମାନ୍ୟବର ନ୍ୟାୟାଳୟଙ୍କ ଦ୍ୱାରା ପ୍ରଣୀତ ନୀତି ନିୟମ ପାଳନ ପୂର୍ବକ ଅନୁଷ୍ଠିତ ହେବ ବୋଲି ମତବ୍ୟକ୍ତ କରି ପୂଜା ପୂର୍ବରୁ ଆବଶ୍ୟକୀୟ ରାସ୍ତା ମରାମତି, କେବୁଲ ଅପସାରଣ ଏବଂ ଅନ୍ୟାନ୍ୟ ବିଷୟରେ କାର ?ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ପ୍ରଶାସନକୁ ଅନୁରୋଧ କରିଥିଲେ। ପରିଶେଷରେ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଶିବ ଟପୋ ଦୁର୍ଗାପୂଜା ପାଇଁ ପ୍ରଶାସନିକ କାର ?ୟାନୁଷ୍ଠାନ ଗ୍ରହଣ କରାଯାଉଥିବା ସମ୍ପର୍କରେ ଅବଗତ କରାଇଥିଲେ। ଏଥି ସହ ଚଳିତ ବର୍ଷ ନିୟମ ଅନୁପାଳନ ନିମନ୍ତେ ସମସ୍ତ ପୂଜାକମିଟିର ସହଯୋଗ କାମନା କରି ଧନ୍ୟବାଦ ଜ୍ଞାପନ କରିଥିଲେ। ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଶ୍ରୀ ଭବାନୀ ଶଙ୍କର ଭୂୟାଁ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ସମ୍ପୃକ୍ତ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀମାନେ ନିଜ ନିଜର ପ୍ରସ୍ତୁତି ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ ।

# ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ ଅପମିଶ୍ରଣ ରୋକିବାକୁ ଦାବି : ଓଡିଶା ଦୁଗ୍ଧଚାଷୀ ମହାସଂଘ

ଭୁବନେଶ୍ୱର,୧୦।୯ (ନି.ପ୍ର) : ପାର୍ବଣ ଋତୁକୁ ଆଖି ଆଗରେ ରଖି ଦୁଗ୍ଧ ଓ ଦୁଗ୍ଧଜାତ ଦ୍ରବ୍ୟ ଅପମିଶ୍ରଣ ରୋକିବା ପାଇଁ ଦୃଢ ପଦକ୍ଷେପ ନିଆଯାଉ. ବିଭିନ୍ନ ମୁନ୍ସିପାଲିଟି ଓ କର୍ପୋରେସନ, ପୋଲିସ ଓ ଖାଦ୍ୟ ସୁରକ୍ଷା ଅଧିକାରୀ, ମିଷ୍ଟାନ୍ନ ଭଣ୍ଡାର ମାଲିକଓ ଦୁଗ୍ଧ ଚାଷୀମାନଙ୍କର ମିଳିତ ବୈଠକ କରାଯାଇ ଏ ଦିଗରେ ପଦକ୍ଷେପ ନିଆଯାଉ । ପାର୍ବଣ ଋତୁକୁ ଆଖି ଆଗରେ ରଖି ଅସାଧୁ ବେପାରୀମାନେ ଦୁଗ୍ଧ, ଛେନା, ପନିର ଘିଅ ଓ ଖୁଆ ଆଦି ଅପମିଶ୍ରଣ କରି ବଜାରକୁ ଛାଡିବାର ଆଶଙ୍କାକୁ ଏଡାଇ ଦିଆଯାଇ ନ ପାରେ. ତେଣୁ ଏହି ଅପମିଶ୍ରଣକାରିମାନଂକୁ ଦୃଢ଼ ହସ୍ତରେ ଦମନ କରିବାକୁ ଓଡିଶା ଦୁଗ୍ଧ ଚାଷୀ ମହାସଂଘ ରାଜ୍ୟ ଅଧ୍ୟକ୍ଷ ରବି ବେହେରା ଦାବି କରିଛନ୍ତି । କଟକ ଜିଲ୍ଲା ଗୁରୁଦିଝଟିଆ ଠାରେ କ୍ଷୀର ଅପମିଶ୍ରଣରେ ସମ୍ପୃକ୍ତ ଟ୍ୟାଙ୍କର ଡ୍ରାଇଭର ଓ ଅନ୍ୟ ଅପରାଧୀଙ୍କୁ ତୁରନ୍ତ ଗିରଫକରାଯାଉ । ଯେଉଁ କମ୍ପାନୀକୁ ଟ୍ୟାଙ୍କରରେ ସମ୍ବଲପୁରରୁ କ୍ଷୀର ଆସୁଥିଲା ସେ କମ୍ପାନୀର ଲାଇସେନ୍ସ ବାତିଲ କରିବାକୁ ଓଡିଶା ଦୁଗ୍ଧ ଚାଷୀ ମହାସଂଘ ଦାବି କରୁଛି ।

# ରାଜ୍ୟ ସଭାପତି ମନମୋହନ ସାମଲଙ୍କ ଉପସ୍ଥିତିରେ ମହା ମିଶ୍ରଣ ଓ ସମ୍ବର୍ଦ୍ଧନା ସଭା

ଯାଜପୁର,୧୦।୯ (ନି.ପ୍ର) : ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକର ଜାରକା ମହୋତ୍ସବ ପଡିଆରେ ଆଜି ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇ ଅଛି। ଏହି ସଭା ରେ



ଓଡିଶା ରାଜ୍ୟ ବିଜେପି ସଭାପତି ଶ୍ରୀଯୁକ୍ତ ମନମୋହନ ସାମଲଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଶ୍ରୀଯୁକ୍ତ ସାମଲ ବିଜେପି ରାଜ୍ୟ ସଭାପତି ହେବା ପରେ ଯାଜପୁର ବିଜେପି ପକ୍ଷରୁ ତାଙ୍କୁ ପ୍ରଥମ ଥର ପାଇଁ ଧର୍ମଶାଳା ରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମ ରେ ଅନ୍ୟ ମାନଙ୍କ ମଧ୍ୟରେ ଯାଜପୁର ଲୋକସଭା ସାଂସଦ ଶ୍ରୀଯୁକ୍ତ ରବୀନ୍ଦ୍ର ନାରାୟଣ ବେହେରା, ବଡ଼ଚଣା ବିଧାୟକ ଶ୍ରୀଯୁକ୍ତ ଅମର ନାୟକ,କୋରେଇ ବିଧାୟକ ଆକାଶ ଦାସ ନାୟକ, ଧର୍ମଶାଳା ବିଜେପି ଅଧକ୍ଷା ଦେବଯାନୀ ପ୍ରଧାନ, ସୁକିନ୍ଦା ବିଧାୟକ ପ୍ରଦୀପ ବଳସାମନ୍ତ, ପୂର୍ବତନ ଜିଲ୍ଲା ବିଜେପି ସଭାପତି ଗୌତମ ରାୟ, ବବିତା ମଲିକ, ଉମେଶ ଜେନା ପ୍ରମୁଖ ବ୍ୟକ୍ତି ମାନେ ଅଂଶଗ୍ରହଣ କରିଥିଲେ। ସୁକିନ୍ଦା ବିଧାୟକ ଶ୍ରୀଯୁକ୍ତ ପ୍ରଦୀପ ବଳସାମନ୍ତ, ଧର୍ମଶାଳା ବିଧାୟକ ଙ୍କୁ ତାଙ୍କ ନିର୍ବାଚନ ମଣ୍ଡଳୀରେ କରୁଥିବା କାର୍ଯ୍ୟ ପାଇଁ ଉଚ୍ଚ ପ୍ରଶଂସା କରିଥିଲେ। ରାଜ୍ୟ ବିଜେପି ସଭାପତି ଶ୍ରୀଯୁକ୍ତ ମନମୋହନ ସାମଲ ଯାଜପୁର ରେ ଗତ ନିର୍ବାଚନ ରେ ବିଜେପି ର ତିନିଜଣ ବିଧାୟକ ଓ ଜଣେ ସାଂସଦ କୁ ନିର୍ବାଚିତ କରିଥିବାରୁ ଯାଜପୁର ବାସୀଙ୍କୁ କୃତଜ୍ଞତା ଜ୍ଞାପନ କରିବା ସହ ଧନ୍ୟବାଦ ଦେଇଥିଲେ। ନିର୍ବାଚନ ଜିତିବାର ୧୫ ମାସ ପରେ ସେ ଏହା କରି ଥିବାରୁ ଦୁଃଖ ପ୍ରକାଶ କରିଥିଲେ। ଏବେ ରାଜ୍ୟ ଓ କେନ୍ଦ୍ର ଉଭୟ ଠାରେ ବିଜେପି ର ସରକାର ଥିବାରୁ ବିକାଶ ଦ୍ରୁତଗତି ରେ ହୋଇପାରିବ ବୋଲି ସେ ମତ ପ୍ରକାଶ କରିଥିଲେ। ସମ୍ବର୍ଦ୍ଧନା ସଭା ସହ ଏଠାରେ ଏକ ମହା ମିଶ୍ରଣ ପର୍ବ ଆୟୋଜନ କରା ଯାଇଥିଲା। ଧର୍ମଶାଳା ନିର୍ବାଚନ ମଣ୍ଡଳୀର ପ୍ରାୟ ସବୁ ପଞ୍ଚାୟତ ରୁ ବହୁ ବିଜେଡି, କଂଗ୍ରେସ କର୍ମୀ ଓ ନେତା ମାନେ ଦଳ ତ୍ୟାଗ କରି ବିଜେପି ଦଳ ରେ ଯୋଗ ଦାନ କରିଥିଲେ।

**AFFIDAVIT**

By virtue of an Affidavit swarn before The Executive Magistrate, Bhubaneswar dated 17.05.2025. I Dushmant Mahakud, aged about 49 years, son of Hrushikesh Mahakud, resident of At-Belda, Joda, Dist.- Kendujhar, Odisha, Pin-758034 declared that I have changed my son's name from Jitu Mahakud to Advika Jitendra Mahakud, he shall be known as Jitendra Mahakud for all purposes.

Applicant Name: Dushmant Mahakud

# ସାର ସଙ୍କଟ ଓ ପିଏମ କିଷାନ ନିଧି ସମସ୍ୟା ନେଇ ଅଖିଳ ଭାରତ କିଷାନ କଂଗ୍ରେସ ଉପାଧ୍ୟକ୍ଷଙ୍କ ସହ ଆଲୋଚନା

ଭୁବନେଶ୍ୱର,୧୦।୯ (ନି.ପ୍ର) : କେନ୍ଦ୍ର ବିଜେପି ସରକାର ୨୦୧୭ ମସିହାଠାରୁ ଚାଷୀର ଆୟ ବାର୍ଷିକ ଦୁଇଗୁଣା ବୃଦ୍ଧି ପାଇଁ ସ୍ଲୋଗାନ ଦେଉଥିବା ବେଳେ ୨୦୨୫ ମଧ୍ୟରେ ଓଡ଼ିଶାର ଚାଷୀ ପରିବାରର ମାସିକ ଆୟ ମାତ୍ର ୫୧୧୨ଟଙ୍କା। ଏହି ସରକାର ସମୟରେ କୃଷି ଓ କୃଷକର ବିକାଶ ପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ଯେତେଗୁଡ଼ିଏ ଯୋଜନା କାର୍ଯ୍ୟକାରୀ କରୁଛନ୍ତି, ଏଥିରେ କୌଣସି ବାସ୍ତବତା ଓ କ୍ରିୟାଶୀଳ ହେଉନାହିଁ। ସମ୍ପ୍ରତି ରାଜ୍ୟରେ ସାର ସଙ୍କଟ ଓ ବ୍ୟାପକ କଳାବଜାରୀ। କେନ୍ଦ୍ର ରାଜ୍ୟର କୋଟା ଅନୁଯାୟୀ ଆବଶ୍ୟକ ମୁତାବକ ସାର ନିର୍ଦ୍ଧାରିତ ସମୟରେ ଯୋଗାଉ ନାହାନ୍ତି। ଅପର ପକ୍ଷରେ ୟୁରିଆ ସାର ୬୦୦ରୁ ୭୦୦ ଟଙ୍କାରେ ଚଢ଼ା ଦରରେ ବିକ୍ରି କରାଯାଉଛି। ଚାଷୀ ସାର ପାଇଁ ଆଉଟ ପାଉଟ ହେଲା ବେଳେ ସରକାର ନିଧଡ଼କରେ ଶୋଇଛନ୍ତି। ସେହିପରି ରାଜ୍ୟର ଚାଷୀ ପରିବାର ସଂଖ୍ୟା ୭୫ ଲକ୍ଷରୁ ଊର୍ଦ୍ଧ୍ୱ। କିନ୍ତୁ ଦୁର୍ଭାଗ୍ୟର କଥା ଆଜି ପର୍ଯ୍ୟନ୍ତ ୩୫ ଲକ୍ଷରୁ ଊର୍ଦ୍ଧ୍ୱ ଚାଷୀଙ୍କୁ ପିଏମ କିଷାନ ନିଧି ଯୋଜନାରେ ଅନ୍ତର୍ଭୁକ୍ତ କରାଗଲା ନାହିଁ। ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା ଓ ଜାତୀୟ ଉଦ୍ୟାନ କୃଷି ମିଶନ କାର୍ଯ୍ୟକ୍ରମ ଓଡ଼ିଶାରେ ସମ୍ପୂର୍ଣ୍ଣ ଫେଲ୍ ମାରିଛି। ଆଳୁ ମିଶନ, ପିଆଜ ମିଶନ, ପଣସ ମିଶନଠାରୁ ଆରମ୍ଭ କରି ସବୁ ମିଶନ



କେବଳ କାଗଜ କଲମରେ ଚାଲୁଛି। ଚାଷୀ ସବୁକ୍ଷେତ୍ରରେ ହନ୍ତସନ୍ତ। କୃଷି ଉତ୍ପାଦନ ହାର କମୁଥିବା ବେଳେ ଚାଷ ଛାଡ଼ି ଚାଷୀ ଦାଦନ ଖଟୁଛନ୍ତି ବୋଲି ଅଖିଳ ଭାରତ କିଷାନ କଂଗ୍ରେସ ରାଷ୍ଟ୍ରୀୟ ସଂଯୋଜକ ଅମିୟ କୁମାର ପଟ୍ଟନାୟକ ପ୍ରମୁଖ ଅଖିଳ ଭାରତ କିଷାନ କଂଗ୍ରେସ ଉପାଧ୍ୟକ୍ଷ ତଥା ସଂଗଠନର ମୁଖ୍ୟ ଶ୍ରୀ ଅଖିଳେଶ ଶୁକ୍ଲା କଂଗ୍ରେସ ସାଂଗଠନିକ ସୃଜନ କାର୍ଯ୍ୟକ୍ରମରେ ମୟୁରଭଞ୍ଜ ଜିଲ୍ଲାର ପର୍ଯ୍ୟବେକ୍ଷକ ଭାବେ ଯୋଗଦେଇ ଫେରିବା ପରେ ଆଜି ଭୁବନେଶ୍ୱରଠାରେ ରାଷ୍ଟ୍ରୀୟ ଉପାଧ୍ୟକ୍ଷ ଶ୍ରୀ ଶୁକ୍ଲାଙ୍କ ସହିତ ସାକ୍ଷାତ ଆଲୋଚନା କରି ଓଡ଼ିଶାରେ ଦୁଃସ୍ଥିତିରେ ଥିବା ଚାଷୀମାନଙ୍କ ସମସ୍ୟା ସମ୍ପର୍କରେ ଅବଗତ କରିବା ସହ କେନ୍ଦ୍ର ସରକାର ରାଜ୍ୟକୁ କୋଟା ଅନୁଯାୟୀ ଏବଂ ଅଧିକ ପରିମାଣର ୟୁରିଆ ସାର ଯୋଗାଇ ଦେବା ଏବଂ ପିଏମ କିଷାନ ନିଧି ଯୋଜନାରେ ଓଡ଼ିଶାର ସମସ୍ତ ଚାଷୀଙ୍କୁ ଅନ୍ତର୍ଭୁକ୍ତ କରିବା ପାଇଁ କେନ୍ଦ୍ର ସରକାରଙ୍କ ନିକଟରେ ଦାବୀ କରିବାକୁ ଆଲୋଚନା ପୂର୍ବକ ଏକ ସ୍ମାରକପତ୍ର ଦେଇଛନ୍ତି।

# ୟୁରିଆ ସାର ଅଭାବ ଚାଷୀ ହନ୍ତସନ୍ତ

ବଲାଙ୍ଗୀର,୧୦।୯ (ନି.ପ୍ର) : ବଲାଙ୍ଗୀର ଜିଲ୍ଲାର ବଲାଗିଂର ବ୍ଲକ୍ ଶିବତଳା ଚାଷୀ ସମବାୟ ସମିତି ରେ ୟୁରିୟା ସାର ପାଇଁ ଚାଷୀ ହନ୍ତସନ୍ତ ।ଖାଲି ଶିବତଲା ନୁହେଁ ଆହୁରି ଅନେକ ପେକ୍ସ ର ଚାଷୀ ୟୁରିୟା ସାର ପାଉନାହାଁନ୍ତି । କୃଷି ବିଭାଗର କହିବା ଅନୁସାରେ ଚାଷି ଧାନ ତଳି ରୁପଣ କରିବାର ଏକୋଇସ ଦିନରୁ ପଚିଶ ଦିନରେ ସେକେଣ୍ଡ ଡୋଜ ମାନେ ଦ୍ୱିତୀୟ ଥର ସାର ଦେବା କଥା କିନ୍ତୁ ରୋପଣର ପଚାଶ ଷାଠିଏ ଦିନ ହୋଇ ଗଲାଣି ୟୂରିୟା ଅଭାବରୁ ଚାଷୀ ନିଜ ଚାଷ ଜମିରେ ସାର ଦେଇ ପାରୁନାହିଁ । ଶିବତଲା କୃଷି ସମବାୟରେ ଏ ପର୍ଯ୍ୟନ୍ତ ୧୨୦୦ ବସ୍ତା



ୟରିୟା ସାର ଆସିଛି । ଯାହାକି ସମୂଦ୍ର କୁ ସଂଖେ । ସମବାୟର ଋଣି ଚାଷୀ ୭୫୦ ଅଛନ୍ତି ବାକି ଅଣଋଣି ଚାଷୀ ପାଖାପାଖୀ ୯୦୦ ତେବେ ମୋଟ ଚାଷୀ ୧୭୦୦ ପାଖାପାଖି ତାହେଲେ କାହାକୁ କେତେ ବସ୍ତା ସାର ଦିଆଯିବ । ଏଣୁ ଚାଷୀ ନିରାଶ ହୋଇ ସକାଳୁ ସଂଧ୍ୟା ପର୍ଯ୍ୟନ୍ତ ପେକ୍ସ ରେ ଜଗି ରହି ସାର ପାଉନାହାଁନ୍ତି ।ଚାଷୀମାନଙ୍କ ଭିତରେ ଅସନ୍ତୋଷ ବଢିବାରେ ଲାଗିବା ସହିତ ଧାନ ଚାଷରେ ବି ବାଧା ସୃଷ୍ଟି ହେବା ଲକ୍ଷ କରାଯାଉଛି । ସମବାୟ ସଭାପତି କୁ ପଚାରିବାରୁ ସେ କହୁଛନ୍ତି ଆହୁରି ସାର ପାଇଁ ଉପରିସ୍ଥ କୃଷି ସମବାୟ ତଥା ସରକାର ପାଖରେ ଜାଣିଛୁ। ସାର ଆହୁରି ଦେବା ପାଇଁ ପ୍ରତିଶ୍ରୁତି ଦେଇଛନ୍ତି ।

# ବ୍ୟାଟେରୀ ଚାଳିତ ଗାଡି ଅଚଳ ହେବା ପ୍ରସଙ୍ଗ ଅଳିଆ ଉଠାଇବାକୁ ଯାଇ ଅପରେଟର ହୀନସ୍ଥା

ଖଣ୍ଡପଡ଼ା, ୧୦।୯ (ନିପ୍ର): ନୂଆ ଗାଡି ବୋଲି ଭାବି ଅଳିଆ ଉଠାଇବାକୁ ନେଇ ଗାଁ ଗହଳିକୁ ଗଲେ ଆଉ ପଞ୍ଚାୟତକୁ ଗାଡି ଫେରିପାରୁନି। ୩ ପଞ୍ଚାୟତ ପରେ ଏବେ ତାଲିକାରେ ଆଉ ୨ ପଞ୍ଚାୟତ ଯୋଡିହେଲାଣି। ସେପଟେ ଏଭଳି ଅଚଳାବସ୍ଥାକୁ ନେଇ ଜିଲ୍ଲା ପ୍ରଶାସନ ଏକଦମ ଚୁପ। କିଏ ଆଉ କିଭଳି ଏହି ସଂସ୍ଥାକୁ ବାଛିଥିଲା ତାକୁ ନେଇ ନାନା ପ୍ରଶ୍ନବାଚୀ ସୃଷ୍ଟି ହେଲାଣି। ଏପରିକି ଗତ ୫ ତାରିଖ ପଞ୍ଚାୟତ ସମିତି ବୈଠକରେ ଗାଡିକୁ ନେଇ ପ୍ରଶ୍ନ ପଚରାଯାଇଥିବା ବେଳେ ବ୍ଲକ ପ୍ରଶାସନ ସଂପୂର୍ଣ୍ଣ ପ୍ରସଙ୍ଗକୁ ଏଡାଇଯାଇଥିଲା। ଫଳରେ ଜିଲ୍ଲାରେ ବିଭିନ୍ନ ପଞ୍ଚାୟତ ପାଇଁ କିଣାଯାଇଥିବା ଗାଡିଗୁଡିକ ବାବଦରେ ଦୁର୍ନୀତି ହୋଇଥିବା ସନ୍ଦେହ ଦୃଢୀଭୂତ ହୋଇଛି। ମିଳିଥିବା ସୂଚନା ଅନୁଯାୟୀ ଖଣ୍ଡପଡ଼ା ନିର୍ବାଚନମଣ୍ଡଳୀ ଅଧୀନ ଗଡିଆସାହି ଏବଂ ଶାଳପଡ଼ା ପଞ୍ଚାୟତରେ ଏବେ ବ୍ୟାଟେରୀ ଚାଳିତ ରିକ୍ସାକୁ ନେଇ ଅଭିଯୋଗ ଆସିଛି। ଗଡିଆସାହି ପଞ୍ଚାୟତରେ ଦୁଇଦିନ ତଳେ ଅଳିଆ ଉଠାଇବାକୁ ଯାଇ ଗାଡି ଅଚଳ




ହୋଇପଡିବାରୁ ନାକେଦମ ହୋଇଛନ୍ତି ଅପରେଟର। ପଞ୍ଚାୟତରେ ଅପରେଟର ଦାୟିତ୍ୱରେ ଥିବା ପ୍ରଶାନ୍ତଙ୍କ ସହିତ 'ସମ୍ବାଦ' ପକ୍ଷରୁ ଯୋଗାଯୋଗ କରାଯିବାରେ ଏହି ଗାଡି ଚଳାଇଲେ ଦୟନୀୟ ପରିସ୍ଥିତି ଭୋଗିବାକୁ ପଡିବ ବୋଲି କୁହନ୍ତି। ଗାଡି ସଂପୂର୍ଣ୍ଣ ଶହେ ପ୍ରତିଶତ ଚାର୍ଜ ହେଲା ପରେ ପ୍ରତି ଘରୁ ଅଳିଆ ଉଠାଇବାକୁ ଗାଡି ନେଇ ବାହାରିଥିଲେ ପ୍ରଶାନ୍ତ। ମାତ୍ର ୨ କିମି ଗଲେ ଗାଡି ଅଣ୍ଟେଇପଡିବା ସହିତ ଆଉ ଷ୍ଟାର୍ଟ ହେଉନଥିବା ଯୋଗୁଁ ଗାଡିକୁ ପେଲିପେଲି ଆଣିଥିଲେ ପ୍ରଶାନ୍ତ। ଫଳରେ ଏଭଳି ଯାନର ସ୍ଥାୟିତ୍ୱ ପ୍ରତି ପ୍ରଶ୍ନ ଉଠାଇଛନ୍ତି ସ୍ଥାନୀୟ ସରପଞ୍ଚ ପ୍ରତିମା ଆଚାର୍ଯ୍ୟ। ଏପରିକି ଅଭିଯୋଗ ପରେ ମଧ୍ୟ ଘରୋଇ ସଂସ୍ଥା ରିୟା ଏଣ୍ଟରପ୍ରାଇଜେସ ପକ୍ଷରୁ ମରାମତି ହୋଇନଥିବା ନେଇ ଶ୍ରୀମତୀ ଆଚାର୍ଯ୍ୟ କହିଥିବା ବେଳେ ଲକ୍ଷାଧିକ ଟଙ୍କାର ଯାନ ମୂଲ୍ୟହୀନ ହୋଇପଡିବ ବୋଲି ଆଶଙ୍କା ବ୍ୟକ୍ତ କରିଛନ୍ତି। ସମାନ ସ୍ଥିତି ଉପୁଜିଛି ଭାପୁର ବ୍ଲକ ଅଧୀନ ଶାଳପଡ଼ା ପଞ୍ଚାୟତରେ। ଅଳିଆ ବୁହା ଗାଡି ପ୍ରାୟ ୧୫ ଦିନ ହେବ ଅଚଳ ହୋଇଥିବା ନେଇ ସଚେତନ ନାଗରିକ ସାମାଜିକ ଗଣମାଧ୍ୟମରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ କରିଛନ୍ତି। ଯାହାକୁ ନେଇ ଏବେ ଗାଡି କ୍ରୟ କରି ପସ୍ତଉଥିବା କହିଛନ୍ତି ଏକାଧିକ ଜନପ୍ରତିନିଧି। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଗତ ଗୁରୁବାର ପଞ୍ଚାୟତ ସମିତି ବୈଠକରେ ଏ ପ୍ରସଙ୍ଗରେ ସରଗରମ ଆଲୋଚନା ହୋଇଥିବା ବେଳେ ଭିଜିଲାନ୍ସ ତଦନ୍ତ ଦାବି କରିଥିଲେ ଜନପ୍ରତିନିଧି। ଉଲ୍ଲେଖଯୋଗ୍ୟ ଯେ ନୟାଗଡ ଜିଲ୍ଲାର ୫ ବ୍ଲକରେ ଶହେରୁ ଊର୍ଦ୍ଧ୍ୱ ପଞ୍ଚାୟତ ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅଳିଆ ବୁହା ଗାଡି କ୍ରୟ କରାଯାଇଥିଲା। ତେବେ ଲକ୍ଷାଧିକ ଟଙ୍କା ମୂଲ୍ୟର ଏହି ଯାନ ଦିନ କେଇଟାରେ ଅଚଳ ହୋଇପଡୁଥିବା ନେଇ ଏବେ ଦେଖିବାକୁ ମିଳିଛି। ଫଳରେ ଜିଲ୍ଲା ପ୍ରଶାସନ ପକ୍ଷରୁ ଘରୋଇ ସଂସ୍ଥାକୁ ଅହେତୁକ ଅନୁକମ୍ପା ଦେଖାଯାଇଥିବା ସ୍ପଷ୍ଟ ହୋଇଛି।

# ଗୋପାଳପୁର ନିର୍ବାଚନ ମଣ୍ଡଳୀର ଚାଷୀଙ୍କ ସମସ୍ୟା ଓ ସାର ବଣ୍ଟନ ଉପରେ ସମୀକ୍ଷା ବୈଠକ

ବ୍ରହ୍ମପୁର,୧୦।୯: ଗଞ୍ଜାମ ଜିଲ୍ଲା ପ୍ରତିନିଧି )ଗୋଳନ୍ଥରା ସ୍ଥିତ ବନ୍ଦେ ମାତରଂ ଗୃହ ଠାରେ ବାଣିଜ୍ୟ ପରିବହନ ଓ ଖଣି ଇସ୍ପାତ୍ ମନ୍ତ୍ରୀ ବିଭୂତି ଭୂଷଣ ଜେନାଙ୍କ ଅଧ୍ୟକ୍ଷତାରେ ଗୋପାଳପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ରଙ୍ଗେଇଲୁଣ୍ଡା ଓ କୁକୁଡାଖଣ୍ଡି ବ୍ଲକର ଚାଷୀମାନଙ୍କର ସମସ୍ୟା ଓ ସାର ବିକ୍ରୟର ଉପରେ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଉପସ୍ଥିତ ସମବାୟ ସମିତି ସଭାପତି, ସମ୍ପାଦକ ମାନେ ନିଜ ନିଜ ସମବାୟ ସଂସ୍ଥା ର ବିଭିନ୍ନ ସମସ୍ୟା



ନେଇ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ ତଥା କେତେକ ପାକ୍ସ ରେ ଜାଗା ନ ଥିବା ଯୋଗୁଁ ସ୍ଥାୟୀ କାର୍ଯ୍ୟାଳୟ ତଥା ଗୋଦାମ ଗୃହ ନିର୍ମାଣ ହୋଇ ପାରୁ ନାହିଁ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ କେତେକ ସଭାପତି, ସମ୍ପାଦକ। ମନ୍ତ୍ରୀ ଏ ସମ୍ପର୍କରେ ସ୍ଥାନୀୟ ତହସିଲଦାରଙ୍କୁ ତୁରନ୍ତ ଜାଗା ଜମି ଯୋଗାଇ ଦେବା ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ଏହା ବ୍ୟତୀତ ଅଧିକାଂଶ ସମବାୟ ସଂସ୍ଥା ର ଗୃହ ଅତି ପୁରାତନ ଥିବା ଯୋଗୁଁ ଏହାର ପୁନରୁଦ୍ଧାର ନିମନ୍ତେ ଆଲୋଚନା କରାଯାଇଥିଲା ଏବଂ ଖାଲି ପଡ଼ିଥିବା ପାକ୍ସ ସମ୍ପାଦକ ନଥିବା ଯୋଗୁଁ ଅସୁବିଧା ସଂପର୍କରେ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଏହି ସଂପର୍କରେ ମନ୍ତ୍ରୀ ଉପସ୍ଥିତ ଥିବା ସହକାରୀ ସମବାୟ ଅଧିକାରୀ ଙ୍କୁ ୭ଦିନ ମଧ୍ୟରେ ସମାଧାନ ପାଇଁ ପରାମର୍ଶ ଦେଇଥିଲେ। ଏହି ବୈଠକରେ ମନ୍ତ୍ରୀ ପାକ୍ସ ୱାରୀ କେତେ ସାର ଆବଶ୍ୟକ ଏକ ତାଲିକା ପ୍ରସ୍ତୁତ କରି ଉପସ୍ଥିତ ଥିବା ଜିଲ୍ଲା କୃଷି ଅଧିକାରୀ ଙ୍କୁ ତୁରନ୍ତ ଯୋଗାଣ ନିମନ୍ତେ ପରାମର୍ଶ ଦେଇଥିଲେ। ୯୯୯ ମେଟ୍ରିକ୍ ଟନ ସାର ୨୯ ଟି ସମବାୟ ସମିତି କାର୍ଯ୍ୟାଳୟ ରେ ପହଞ୍ଚି ସାରିଛି । ଯେଁଉ ବ୍ୟକ୍ତି କିମ୍ବା ଅଧିକାରୀ ସାରରେ ହେରପାର କରନ୍ତି , ତାଙ୍କ ଉପରେ ସରକାର ତରଫରୁ ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ମାନ୍ୟବର ମନ୍ତ୍ରୀ କହିଛନ୍ତି। ମନ୍ତ୍ରୀ ସମସ୍ତ ସଭାପତି, ସମ୍ପାଦକ ସ୍ଥାନୀୟ ଚାଷୀ ସମସ୍ୟା ପ୍ରତି ଦୃଷ୍ଟି ଦେବା ପାଇଁ ପଞ୍ଜୀକୃତ କରନ୍ତୁ ବୋଲି ପରାମର୍ଶ ଦେଇଥିଲେ। ଉକ୍ତ ବୈଠକରେ ଜିଲ୍ଲା କୃଷି ଅଧିକାରୀ ଅଜୟ କୁମାର କର, ସହକାରୀ ସମବାୟ ଅଧିକାରୀ ଦେବାଶିଷ ସ୍ୱାଇଁ, ସହକାରୀ କୃଷି ଅଧିକାରୀ ରଙ୍ଗେଇଲୁଣ୍ଡା ବ୍ଲକ କିଶୋର କୁମାର ସେଠୀ ଓ ସମସ୍ତ ଶକ୍ତି କେନ୍ଦ୍ର ପ୍ରମୁଖ, ସମବାୟ ସମିତି ସଭାପତି, ସମ୍ପାଦକ, ବରିଷ୍ଠ କର୍ମକର୍ତ୍ତା ଓ ଅନ୍ୟ ମାନେ ଯୋଗ ଦେଇଥିଲେ।

